


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 JANUARY 2024

Vol.No. 35 ■ No.25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଇଣ୍ଡିଆ ମେଣ୍ଟକୁ ଡବଲ ଝଟକା

ନୂଆଦିଲ୍ଲୀ, ୨୪/୧ : ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀଙ୍କ ଇଣ୍ଡିଆ ମେଂଟକୁ ଶକ୍ତ ଝଟକା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକାକୀ ଲୋକସଭା ନିର୍ବାଚନ ଲଢିବାକୁ ଘୋଷଣା କରିଛନ୍ତି । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଏକା ନିର୍ବାଚନ ଲଢିବ । ମମତାଙ୍କ ଏହି ଘୋଷଣା ସହିତ ଇଣ୍ଡିଆ ମେଂଟର ଭାଗ୍ୟ ଓ ଭବିଷ୍ୟତ ଉପରକୁ ସଂକଟ ମାଡି ଆସିଛି । ମମତା କହିଛନ୍ତି ସେ ଯାହା ବି ପ୍ରସ୍ତାବ ଦେଇଥିଲେ, ତାକୁ ଖାରଜ କରିଦିଆଯାଇଛି । ତେଣୁ ପଶ୍ଚିମବଙ୍ଗରେ ଏକାକୀ ଲଢ଼ିବାକୁ ତୃଣମୂଳ କଂଗ୍ରେସ ନିଷ୍ପତ୍ତି ନେଇଛି । ଏହାଛଡା ରାହୁଲ ଗାନ୍ଧୀଙ୍କ ନାମ ନନେଇ ଟାର୍ଗେଟ କରିଛନ୍ତି ମମତା ବାନାର୍ଜୀ । କହିଛନ୍ତି ଏବେ ପଶ୍ଚିମବଙ୍ଗରେ ଭାରତଯୋଡ଼ ନ୍ୟାୟଯାତ୍ରା ହେବାକୁ ଯାଉଛି । ଶିଷ୍ଟାଚାର ଦୃଷ୍ଟିରୁ ନ୍ୟାୟଯାତ୍ରାକୁ ନେଇ ତାଙ୍କୁ କୌଣସି ସୂଚନା



ଦିଆଗଲା ନାହିଁ । ଏପରିକି ତାଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ । ଯାହା ମେଂଟ ଧର୍ମରେ ସଂପୂର୍ଣ୍ଣ ଭୁଲ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ମମତା । ଆସନ ଭାଗବଂଟାକୁ ନେଇ ପ୍ରଥମ ଦିନରୁ ଟିଏମସି ଓ କଂଗ୍ରେସ ମଧ୍ୟରେ ବିବାଦ ଥିଲା । ପଶ୍ଚିମବଙ୍ଗ ପାଇଁ କଂଗ୍ରେସ ୧୦ରୁ ୧୨ ଆସନ ଦାବି କରୁଥିବାବେଳେ ଟିଏମସି କେବଳ ୨ଟି ଆସନ ଅଫର କରିଥିଲା । ଯାହାକୁ ନେଇ ମମତା ବାର୍ନାଜୀଙ୍କୁ ସିଧାସଳଖ ଟାର୍ଗେଟ କରିଆସୁଥିଲେ କଂଗ୍ରେସ ନେତା ଅଧୀର ରଂଜନ ଚୌଧୁରୀ । ଏପରିକି ଦୁଇ ଦିନ ପୂର୍ବରୁ କଂଗ୍ରେସକୁ ପରାର୍ମଶ ଦେଇ ମମତା କହିଥିଲେ କଂଗ୍ରେସ ୩୦୦ ଆସନରେ ଏକାକୀ ଲଢ଼ିବା ସକ୍ଷମ । କଂଗ୍ରେସକୁ ସେ ନିଜର ପୂର୍ଣ୍ଣ ସହଯୋଗ ଦେବେ । ଯେଉଁ ଆସନରେ କଂଗ୍ରେସ ଲଢ଼ିବ ସେହି ଆସନରୁ ଓହରିବ ଟିଏମସି । ଏଥିସହ ମମତା କହିଥିଲେ ଆଂଚଳିକ ଦଳମାନଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଆସନ ଛାଡ଼ିବା ଉଚିତ । କେବଳ ପଶ୍ଚିମବଙ୍ଗ ନୁହେଁ ବରଂ ପଞ୍ଜାବରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି । ଇଣ୍ଡିଆ ମେଂଟକୁ ପଂଜାବରେ ଝଟକା । ପଂଜାବର ସମସ୍ତ ୧୩ ଲୋକସଭା ଆସନରେ ଏକାକୀ ଲଢ଼ିବ ଆମ ଆଦମୀ ପାର୍ଟି । ଏନେଇ ଘୋଷଣା କରିଛନ୍ତି ପଂଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ । ମମତା ବାର୍ନାଜୀ ପଶ୍ଚିମବଙ୍ଗରେ ଟିଏମସି ଏକାକୀ ଲଢ଼ିବା ନେଇ ଘୋଷଣା କରିବାର କିଛି ସମୟ ପରେ ଆମ ଆଦମୀ ନିଜ ନିଷ୍ପତି ଜଣାଇଛି । ହଠାତ ଦୁଇ ବଡ ସହଯୋଗୀଙ୍କ ଏଭଳି ନିଷ୍ପତିକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ହୁଏତ ନିର୍ବାଚନ ପୂର୍ବରୁ ଇଣ୍ଡିଆ ମେଂଟ ଭାଙ୍ଗିବା ଆଶଙ୍କା ବଢ଼ିଛି । ପୂର୍ବରୁ ପଂଜାବ ଆପ ସରକାର ଏକାକୀ ଲଢିବା ନେଇ ଇଙ୍ଗିତ କରିଥିଲେ । ତେବେ ଆମ ଆଦମୀ ପାର୍ଟି ଓ ତୃଣମୁଳ କଂଗ୍ରେସର ନିଷ୍ପତିରୁ ସ୍ପଷ୍ଟ ଜଣାପଡୁଛି ଇଣ୍ଡିଆ ମିଳିତ ମଂଚରେ ସବୁ କିଛି ଠିକ ଚାଲିନି ।

## ଭିଜିଲାନ୍ସ ଜାଲରେ ମିଶନ ଶକ୍ତିର ଦୁଇ କର୍ମଚାରୀ

ବାରିପଦା, ୨୪/୧ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମିଶନ ଶକ୍ତିର ଦୁଇ ଜଣ କର୍ମଚାରୀ। ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ମିଶନ ଶକ୍ତିର ବିପିଏମ ଲକ୍ଷ୍ମଣ ବିଶ୍ୱାଳ ଓ ସଂଯୋଜକ ପ୍ରଦୀପ୍ତ ଭୂୟାଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ମିଶନ ଶକ୍ତି ବିଭାଗର ଏକ ଏଲଡିଏମ ପଦବୀ ପାଇଁ କିଛି ମହିଳା ଆବେଦନ କରିଥିଲେ। ଚାକିରି କରାଇ ଦେବା ପାଇଁ ଜଣେ ମହିଳାଙ୍କୁ



ସେମାନେ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଲଡିଏମ ପଦ ପାଇଁ ହୋଇଥିବା ପରୀକ୍ଷାରେ ଦୁଇ ଜଣ ମହିଳା କୃତକାର୍ଯ୍ୟ ହୋଇଥିବା ଲକ୍ଷ୍ମଣ ଓ ପ୍ରଦୀପ୍ତ ଜାଣିପାରିଥିଲେ। ଏହାର ସୁଯୋଗ ନେଇ ଚାକିରି କରାଇଦେବା ବାହାନାରେ ▶▶ପୃଷ୍ଠା ୭

## ଆଇପିଏସ୍ ସ୍ତରରେ ବଡ଼ ଅଦଳ ବଦଳ: ବଦଳିଲେ ପୁଲିସ୍ କମିଶନର

ଭୁବନେଶ୍ୱର, ୨୪/୧ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ଆଇଏଏସ୍ ପରେ ଆଇପିଏସ୍ ସ୍ତରରେ ହୋଇଛି ବଡ଼ ଧରଣର ଅଦଳ ବଦଳ। ଏହି ପ୍ରକ୍ରିୟାରେ ବଦଳିଛନ୍ତି ଭୁବନେଶ୍ୱର-କଟକ ପୁଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ତାଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏବେ ଗୁଇନ୍ଦା ନିର୍ଦ୍ଦେଶକ ଥିବା ସଞ୍ଜୀବ ପଣ୍ଡାଙ୍କୁ ଟ୍ୱିନ୍ ସିଟିର ପୁଲିସ୍ କମିଶନର ଭାବେ ନିଯୁକ୍ତି ମିଳିଛି। କଟକ ଡିସିପି ମଧ ବଦଳିଛନ୍ତି। କଟକ ଡିସିପି ଥିବା ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଛି। ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂହଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି। ସେ ଡେପୁଟି ଆଇଜି



ଭାବେ ଏହି ପଦବୀରେ କାର୍ଯ୍ୟ କରିବେ । ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଓଡ଼ିଶା ପୁଲିସ ହାଉସିଂ ଓ୍ୱେଲଫେୟାର କର୍ପୋରେସନର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବାକୁ କୁହାଯାଇଛି। ପୂର୍ବାଞ୍ଚଳ ଆଇଜି ଥିବା ୨୦୦୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ହିମାଂଶୁ ଲାଲ୍‌ଙ୍କୁ ଉତ୍ତରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡାକ୍ତର ଦୀପକ କୁମାରଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି କରାଯାଇଛି। ସେ ଅତିରିକ୍ତ ଭାବେ ଅନୁଗୋଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଦାୟିତ୍ୱରେ ରହିବେ । ଦକ୍ଷିଣାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସତ୍ୟବ୍ରତ ଭୋଇଙ୍କୁ ▶▶ପୃଷ୍ଠା ୭

## ବାଙ୍ଗିରିପୋଷି ଘାଟିରେ ଓଲଟିଲା ଧଉଳି ଗଣନାଟ୍ୟ ଟ୍ରକ୍ : ୬ ମୃତ, ୧୨ ଗୁରୁତର

ମୟୂରଭଞ୍ଜ , ୨୪/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ପୁଣି ଥରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ଭାରସାମ୍ୟ ହରାଇ ଘାଟିରେ ଓଲଟିଲା ଯାତ୍ରା ପାର୍ଟି ଟ୍ରକ୍। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଗାଡ଼ିଟି ଧଉଳି ଗଣନାଟ୍ୟର। ଲାଇଟ୍ ଓ ବକ୍ସ ଆଦି ସରଞ୍ଜାମ ଭର୍ତ୍ତି କରି ଧଉଳି ଗଣନାଟ୍ୟର କର୍ମଚାରୀ ଆଜି ସକାଳେ ଏକ ଟ୍ରକ୍‌ରେ ରାଇରଙ୍ଗପୁରରୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଗାଡ଼ିଟି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବାଙ୍ଗିରିପୋଷି ଘାଟି ରାସ୍ତା ଅତିକ୍ରମ କରୁଥିବା ବେଳେ ଶେଷ ମୋଡ଼ରେ ଭାରସାମ୍ୟ ହରାଇଥିଲା। ଗାଡ଼ିଟି ରାସ୍ତାର ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିଥିଲେ। ଫଳରେ ଗାଡ଼ିରେ ଥିବା ଲାଇଟ୍ ଓ ବାକ୍ସ ତଳେ ବହୁ ଲୋକ ଚାପି ହୋଇ ଯାଇଥିଲେ। ଖବର ପାଇ ତୁରନ୍ତ ବାଙ୍ଗିରିପୋଷି ପୁଲିସ୍, ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ



ଆହତଙ୍କୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ▶▶ପୃଷ୍ଠା ୭

## ଶିମିଳିପାଳରେ ହେବ କଳା ବାଘ ସଫାରୀ

ମୟୂରଭଂଜ, ୨୪/୧ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟ ହେଉଛି ଏସିଆ ମହାଦେଶର ସର୍ବ ବୃହତ୍ ଜୈବ ମଣ୍ଡଳ। ଏହି ଅଭୟାରଣ୍ୟ ପାଇଁ ଆସିଛି ଖୁସି ଖବର। ଶିମିଳିପାଳରେ ହେବ କଳା ବାଘ (ମେଲାନିଷ୍ଟିକ ବାଘ) ସଫାରୀ। କଳା ବାଘ ସଫାରୀ ହେବା ନେଇ ସୋଶାଲ୍ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୂରଦୂରାନ୍ତରୁ ଅସୁଥିଲା ପର୍ଯ୍ୟଟକମାନେ ସଫାରୀରେ କଳା ବାଘକୁ ଦେଖିପାରିବେ। କଳା ବାଘ ସଫାରୀ ନେଇ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, କଳାବାଘ ସଫାରୀ ଲାଗି ଏନଟିସିଏ ଅନୁମତି ଦେଇଛି। ଅଭୟାରଣ୍ୟଠାରୁ ୧୫ କିମି ଦୂରରେ ୨୦୦ ହେକ୍ଟର ଜମିରେ ହେବ। ୨୦୦ ହେକ୍ଟରରୁ ୧୦୦ ହେକ୍ଟରରେ ହେବ ବାଘ ରହଣି ସ୍ଥଳ। ବାକି ୧୦୦ ହେକ୍ଟରରେ ପାର୍କିଂ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବ। ପ୍ରାଥମିକ ଭାବେ ନନ୍ଦନକାନନର ୩ଟି କଳା ଓ ଧଳା ବାଘ ରହିବେ। ଆସନ୍ତା ଅକ୍ଟୋବରରୁ ପର୍ଯ୍ୟଟକ କଳାବାଘ ସଫାରୀକୁ ଯାଇ ପାରିବେ ବୋଲି ପିସିସିଏଫ୍ କହିଛନ୍ତି।

## ଛାତ୍ରଙ୍କ ଚେତାବନୀ ପରେ ପ୍ରଶାସନର ନିଷ୍ପତ୍ତି: ଦୀର୍ଘ ୪ ବର୍ଷ ପରେ ଜେଏନୟୁରେ ହେବାକୁ ଯାଉଛି ଛାତ୍ରସଂଘ ନିର୍ବାଚନ

ନୂଆଦିଲ୍ଲୀ, ୨୪/୧ : ଦୀର୍ଘ ୪ ବର୍ଷର ଅପେକ୍ଷା ପରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଛି ଛାତ୍ରସଂଘ ନିର୍ବାଚନ । ଜେଏନୟୁ ଅଧିକାରୀଙ୍କ ତରଫରୁ ଏନେଇ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି । ବିଭିନ୍ନ ଛାତ୍ର ସଂଗଠନ ନିର୍ବାଚନ କରାଇବା ନେଇ ବାରମ୍ବାର ▶▶ପୃଷ୍ଠା ୭



## କଲବଲ କରୁଛି ବର୍ଷା ସାଙ୍ଗକୁ କୋହଲା ପାଗ: ଆସନ୍ତା ଦୁଇ ଦିନ ଦେଖାଦେବ ଘନ କୁହୁଡ଼ି

ଭୁବନେଶ୍ୱର, ୨୪/୧ (ନି.ପ୍ର): ଗତ ତିନି ଦିନ ହେଲା ରାଜ୍ୟରେ କେତେକ ଜିଲ୍ଲାରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଯାହାଫଳରେ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଏମିତିକା ପାଗ ଆସନ୍ତାକାଲି ପର୍ଯ୍ୟନ୍ତ ଲାଗି ରହିବ। ଏହାଛଡ଼ା ସକାଳେ ଘନ କୁହୁଡି କଲବଲ କରିବ। ଘନ କୁହୁଡି ଆଗମୀ ଦୁଇ ଦିନ ଧରି ଦେଖିବାକୁ ମିଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବଙ୍ଗୋପସାଗର ଓ ତା'ର ଆଖପାଖ ଅଞ୍ଚଳରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାଛଡ଼ା ଆଉ ଏକ ନିମ୍ନଚାପ ରେଖା ଆଭ୍ୟନ୍ତରୀଣ କର୍ଣ୍ଣାଟକରୁ ଆଭ୍ୟନ୍ତରୀଣ ଓଡ଼ିଶା ଯାଏ ଲମ୍ବିଛି। ଏହି ଦୁଇ ପ୍ରକାର ପାଣିପାଗ ପ୍ରଭାବରେ ଆଗମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଆନ୍ତାକାଲି କେନ୍ଦ୍ରାପଡ଼ା, ଜଗତସିଂହପୁର, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ କେତେକ ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଉପକୂଳ ଓଡ଼ିଶାରେ କୁହୁଡ଼ି ଅନୁଭୂତି ହୋଇପାରେ। ଘନ କୁହୁଡ଼ି ଦୁଇ ଦିନ ଧରି ହେବାର ଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟାରେ ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

## ଆଜି ଶ୍ରୀରାମଲଲାଙ୍କ ଦର୍ଶନ କରିବେ ଜେପି ନଡ୍ଡା

ଅଯୋଧାଧାମ, ୨୪/୧ (ନି.ପ୍ର): ଜାନୁୟାରୀ ୨୨ରେ ଶ୍ରୀରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପ୍ରବଳ ଭିଡ ଜମୁଛି । ଜାନୁୟାରୀ ୨୩ରୁ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲିଛି । ଆଜି ସକାଳ ୭ଟାରୁ ହଜାର ହଜାର ଲୋକ ପ୍ରଭୁ ଶ୍ରୀରାମଲଲାଙ୍କ ଦର୍ଶନ କରିସାରିଲେଣି । ପ୍ରଥମ ଦିନରେ ୫ଲକ୍ଷରୁ ଅଧିକ ଭକ୍ତ ଦର୍ଶନ କରିଛନ୍ତି । ଭିଡକୁ ଦୃଷ୍ଟିରେ ରଖି ହନୁମାନଗଢୀ ମନ୍ଦିର ବାହାରେ ସୁରକ୍ଷା କଡାକଡି କରାଯାଇଛି । ଆଜି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ସପରିବାର ରାମଲଲାଙ୍କ ଦର୍ଶନ କରିବେ ।

## ଦୁଃଖକୁ ଭୋଗିଥିବା ମଣିଷ ହିଁ ହୃଦୟଛୁଆଁ ଗଳ୍ପ କବିତା ଲେଖିପାରେ

ଭଦ୍ରକ, ୨୪/୧ (ନି.ପ୍ର): ଭଦ୍ରକ ଲେଖିକା ସଂସଦ ଆନୁକୂଲ୍ୟରେ ମହେନ୍ଦ୍ର ଭବନ ଐତିହ୍ୟ କକ୍ଷ ବିବେକାନନ୍ଦ ପାଠ ଭବନରେ ଏକ ସାରସ୍ୱତ ସମାରୋହ ତା ୨୩.୦୧.୨୦୨୪ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ମନୋଜ୍ଞ ସମାବେଶରେ ଅନୁପମ ଶୀତ ଆସରଟିଏ ଅନୁଷ୍ଠିତ ହୋଇ କବିତା ପାଠୋତ୍ସବର ଏକ ବର୍ଣ୍ଣାଢ଼୍ୟ କାବ୍ୟିକ ଧାରାର ପ୍ରବାହ ଦେଖିବାକୁ ମିଳିଥିଲା । ସଭାର ପ୍ରାରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ ରଶ୍ମିରେଖା ପରମାଣିକ୍ । ପୁଷ୍ପଗୁଚ୍ଛ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ଅବସରରେ ବେଦପାଠ କରିଥିଲେ ଶ୍ରୀଯୁକ୍ତ ବିଜୟ ବହଳି, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡଃ ସୋମା ଚାନ୍ଦ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଡଃ ପ୍ରଭାତ ନଳିନୀ ମହାପାତ୍ର । ସଭା ପରିଚାଳନା କରିଥିଲେ ସଭାମୁଖ୍ୟ ବରିଷ୍ଠ ସାରସ୍ୱତ ସାଧିକା ଶ୍ରୀମତୀ




ଝରଣା ପଟ୍ଟନାୟକ । ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣଶ୍ରୀର ସମ୍ପାଦକ କବି କାଳୀପଦ ପଣ୍ଡା ଯୋଗଦେଇ ତାଙ୍କର ଅଭିଭାଷଣରେ କହିଥିଲେ, କବିତା ଲେଖିବାର ଉତ୍ସ ସବୁବେଳେ ବିୟୋଗାନ୍ତକ । କବିତାର ମୂଳ ମର୍ମ ସତ୍ୟ, ଶିବ ଓ ସୁନ୍ଦର । ମୁଖ୍ୟ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ କହିଥିଲେ ଯେ ଦୁଃଖକୁ ଭୋଗିଥିବା ମଣିଷ ହିଁ ହୃଦୟଛୁଆଁ ଗଳ୍ପ କବିତା ଲେଖିପାରେ। ଅନୁଭୂତି ଯେତିକି ଗଭୀର ଓ ଶାଣିତ ହୁଏ , ତାହା ପାଠକକୁ ସେତିକି ଅଭିଭୂତ କରେ । ଏହି ଅବସରରେ ଡଃ ସୋମା ଚାନ୍ଦଙ୍କର ପାଞ୍ଚଟି ବହି ଉନ୍ମୋଚିତ ହୋଇଥିଲା । ସଭାର ବିଶେଷ ଆକର୍ଷଣ ଥିଲା, ଗୀତ କବିତା ପାଠୋତ୍ସବ ଉପସ୍ଥିତ ସମସ୍ତ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠକରି ସଭାକୁ ଭାବମୟ କରିଥିଲେ । ୩୫ରୁ ଅଧିକ କବିତା ପାଠ ସଭାସ୍ଥଳକୁ ମନ୍ତ୍ରମୁଗ୍ଧ କରିଥିଲା । ଏଇ କବିତା ପାଠୋତ୍ସବର ସଂଯୋଜନା କରିଥିଲେ ଉଷାରାଣୀ ଜେନା ଓ ଦୀପ୍ତିମୟ ସାହୁ । ଲେଖିକା ସଂସଦ ଦ୍ୱାରା ଆୟୋଜିତ ଶୀତ କବିତା ଆସରରେ ଡା. ଦୁର୍ଯ୍ୟୋଧନ ଦାସ, ଅବନୀ ପ୍ରଧାନ, ହୃଦାନନ୍ଦ ପାଣିଗ୍ରାହୀ, ରାମଚନ୍ଦ୍ର ପଣ୍ଡା, ଗୋଲକ ବିହାରୀ ସାହୁ, କିଶୋର ପାଣିଗ୍ରାହୀ, ଅଜୟ ନାୟକ, ଅଭିଜିତ୍ ନାୟକଙ୍କ ସମେତ ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସମେତ ଅନେକ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସଂସଦର ସାଧକ ସାଧିକାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସହ ସଂପାଦିକା ଡଃ କାନନ ମହାନ୍ତି ସଭା ପରିଚାଳନା କରିଥିଲେ । ସଭା ମୁଖ୍ୟଙ୍କ ବକ୍ତବ୍ୟ ପରେ ଧନ୍ୟବାଦ ଅର୍ପଣ କରିଥିଲେ କାଦମ୍ବିନୀ ମହାନ୍ତି ।

## ଆସାମ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ନୀତିଖୋର କହିବା ପରେ ରାହୁଲଙ୍କ ନାଁରେ ମାମଲା ରୁଜୁ

ଆସାମ, ୨୪/୧ :'ଭାରତ ଯୋଡ ନ୍ୟାୟ ଯାତ୍ରା' ସମୟରେ ହିଂସାକୁ ଉସୁକାଉଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୋଲି ଅଭିଯୋଗ ଆଣିଛି ବିଜେପି । ଆସାମ ଏକ ଶାନ୍ତିପ୍ରିୟ ରାଜ୍ୟ ହୋଇଥିବା ବେଳେ ରାହୁଲ ଗାନ୍ଧୀ ଏଠାରେ ଅଶାନ୍ତି ସୃଷ୍ଟି କରୁଥିବା କହିଛି ଦଳ । ନ୍ୟାୟ ଯାତ୍ରା ସମୟରେ ହିସାଂ ଘଟଣାକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ ନେତା ମାନଙ୍କ ନାଁରେ ଆସାମ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର କଂଗ୍ରେସର ଭାରତ ଯୋଡ ନ୍ୟାୟ ଯାତ୍ରା ଆସାମ ଗୌହ୍ୱାଟୀରେ ପହଁଚିଥିବା ବେଳେ ପୋଲିସ ଏହାକୁ ଅଟକାଇଥିଲା ।



ପରେ ପୋଲିସ ସହ କଂଗ୍ରେସ କର୍ମୀମାନେ ମୁହାଁମୁହିଁ ହେବା ସହ ପରିସ୍ଥିତି ଅଣାୟତ ହୋଇଥିଲା । ବ୍ୟାରିକେଡ ଭାଙ୍ଗି କଂଗ୍ରେସ କର୍ମୀମାନେ ସହର ଭିତରକୁ ପ୍ରବେଶ ଉଦ୍ୟମ କରିବା ବେଳେ ଲାଠିମାଡ କରିଥିଲା ପୋଲିସ । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ଦ୍ଦେଶରେ ରାହୁଲ ଗାନ୍ଧୀଙ୍କ

# କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ପରାକ୍ରମ ଦିବସ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୨୪/୧ (ନି.ପ୍ର): ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକରୀ ସୁଶ୍ରୀ ପ୍ରମିଳା ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ପରାକ୍ରମ ଦିବସ ଅବସରରେ ବିଦ୍ୟାଳୟର ଅଧକ୍ଷ ଡଃ. କୈଳାଶ ମୀନା ନିଜ ବକ୍ତବ୍ୟରେ ନେତାଜୀଙ୍କ ବଳିଦାନକୁ ମନେ ପକାଇ ଛାତ୍ରଛାତ୍ରୀ ମାନଙ୍କୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ। ସେହିପରି ମାଲକାନଗିରି ମହିଳା ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡଃ ରଞ୍ଜନ ସ୍ୱାଇଁ ଏବଂ ଜେ. ଏନ. ଭି-୧ ର କଳା ଶିକ୍ଷିକା ଶ୍ରୀମତୀ ପିନାକ୍ଷୀ ପଣ୍ଡା ଏହି ପ୍ରତିଯୋଗିତାର ବିଚାରକ ଥିଲେ। କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଦେଶର ୫୦୦ ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟ ମାନଙ୍କରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପରାକ୍ରମ ଦିବସ, ବିକଶିତ ଭାରତ, ଖେଳରେ ଭାରତର ସଫଳତା ଏବଂ ଚନ୍ଦ୍ରୟାନ ଆଦି ଏହି ପ୍ରତିଯୋଗିତାର ବିଷୟବସ୍ତୁ ରହିଥିଲା। ବିଦ୍ୟାଳୟର ପ୍ରାତଃକାଳୀନ ସଭାରେ ନେତାଜୀଙ୍କ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯଥା ଜେ ଏନ ଭି -୧ ରୁ ୧୦ ଜଣ, ଜେ ଏନ ଭି -୨ ରୁ ୬ ଜଣ, ଆଇ. ଏମ.ଏସ.ଟି ରୁ ୬ ଜଣ, ମଡ଼ର୍ଣ ଇଂରାଜୀ ମିଡ଼ିଅମ ସ୍କୁଲ ରୁ ୧୦ ଜଣ, ଘଡ଼ାଇ ରେସିଡେନସିଆଲ ସ୍କୁଲରୁ ୧୩ ଜଣ, ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରୁ ୮ ଜଣ, ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟ (ଏମ ଭି ୭)ରୁ ୫ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ରୁ ୬ ଜଣ, ସତ୍ୟନାରାୟଣ ମହାବିଦ୍ୟାଳୟ ରୁ ୧୦ ଜଣ, ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରୁ ୧୦ ଜଣ ଏବଂ ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୬ ଜଣ ସର୍ବମୋଟ ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ, ଜେ ଏନ ଭି ୧ ଓ ୨ ରୁ ଯଥାକ୍ରମେ ନକୁଳ ବଡ଼ନାୟକ ଏବଂ ରିଙ୍କୁ ସୀସା ଯୁଗ୍ମ ରୂପେ ପ୍ରଥମ ସ୍ଥାନ, ପିଂଟୁ ମାଡ଼କାମୀ ଦ୍ୱିତୀୟ ସ୍ଥାନ ଓ ଦେବି ପ୍ରସାଦ ମହାପାତ୍ର ଏବଂ ଅରୁଣ କୁମାର ଦଳାଇ ଯୁଗ୍ମ ରୂପେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଦିଆଯାଇଅଛି। ସମସ୍ତ ପ୍ରତିଯୋଗୀଙ୍କୁ ଏଗଜାମ ୱାରିଅର ପୁସ୍ତକ ଏବଂ ସର୍ବୋତ୍କୃଷ୍ଟ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇଂରାଜୀ ଅଧାପକ ଅମିତ ଦାସ, କଳା ଶିକ୍ଷକ ଆଦିତ୍ୟ ରାୟ ଏବଂ ଗ୍ରନ୍ଥାଗାରିକ ଅରବିନ୍ଦ କୁମାର ସେଠ୍, ସାମାଜିକ ବିଜ୍ଞାନ ଶିକ୍ଷକ ସଜ୍ଜନ କୁମାର, ପ୍ରାଥମିକ ଶିକ୍ଷକ ଓଁକାର ଅଙ୍କିତ, ଇଂରାଜୀ ଶିକ୍ଷିକା ଅଲିଶା ପଟ୍ଟନାୟକ ଏହି କାଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀ ଦାସ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷିକା ଏବଂ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣେଇଥିଲେ।

# ସତ୍ୟ ଆର୍ଟ ଓ କଲଚରର ପ୍ରଥମ ବାର୍ଷିକ ଉତ୍ସବ

ଧର୍ମଶାଳା, ୨୪/୧ (ନି.ପ୍ର): ପ୍ରତିଭା ଅନ୍ୱେଷଣ କରିବା ପ୍ରତି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେବା ଉଚିତ। ଏହା ଦ୍ୱାରା ଗ୍ରାମାଚଂଚଳରେ ଲୁଚି ରହି ଯାଉଥିବା ପ୍ରତିଭାମାନେ ଲୋକାଲୋଚନକୁ ଆସି ପାରିବେ ବୋଲି ସତ୍ୟ ଆର୍ଟ ଓ କଲଚରର ପ୍ରଥମ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକ ଝାଲପଡା ପଂଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟ ଆର୍ଟ ଓ କଲଚରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନଶିକ୍ଷକ ଦାମୋଦର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ମୁଖ୍ୟବକ୍ତାଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ସମ୍ମାନୀତ ଅତିଥିଭାବେ ଦୌଡରାଣୀ ଦୂତୀ ଚାନ୍ଦ, ଝାଲପଡା ସରପଂଚ ଭାରତୀ ମଲ୍ଲିକ,ସମିତିସଭ୍ୟ ନିର୍ମଳ ସାମଲ,ସାହାସୀକତା ନାରୀ ମୋନାଲିସା ଭଦ୍ର ଓ ରାଜ୍ୟ ହିନ୍ଦ୍ ମଜଦୁର ସଂଘର ସଭାପତି ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଅଧିକାର ଓ କଳାର ବିକାଶ ଦିଗରେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବାର ମତ ପ୍ରକାଶ କରିଥିଲେ । ନୃତ୍ୟ ଶିଳ୍ପୀ ସତ୍ୟବ୍ରତ ସାହୁ ଓ ସାଗରୀକା ସାହୁଙ୍କ ପ୍ରତିଭାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଶହଶହ ଛାତ୍ରଛାତ୍ରୀମାନଙ୍କୁ ନେଇ ନୃତ୍ୟ,ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯିବା ସହିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଅଧିକାର କର୍ମୀ ମଂଟୁ ଦାସ ଅତିଥି ପରିଚୟ ଓ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ସୌଭାଗ୍ୟ ସାହୁ ମଂଚ କରିଚାଳନାରେ ସହଯୋଗ କରିଥିଲେ । ଚଳଚିତ୍ର ଓ ସଂଗୀତ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ବହୁ କଳାକାର ଓ ସ୍ଥାନୀୟ ଅଂଚଳର ବହୁ ମୁରବୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଦିବଂଗତ ସଭାପତି ତଥା ସ୍ୱାଧିନତା ସଂଗ୍ରାମୀ ନରହର ମହାନ୍ତିଙ୍କ ୧୫ତମ ପୁଣ୍ୟତିଥି ପାଳିତ

ଧର୍ମଶାଳା, ୨୪/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପ୍ରେସ୍ କ୍ଲବର ଦିବଂଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୫ତମ ପୁଣ୍ୟତିଥି ଜାରକାସ୍ଥିତ ପ୍ରେସ୍ କ୍ଲବ ପରିସରରେ ପାଳିତ ହୋଇଯାଇଛି । ପ୍ରେସ୍ କ୍ଲବର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ମୁଖ୍ୟବକ୍ତାଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ଶିକ୍ଷାବିତ୍ ମନୋରଂଜନ ମହାନ୍ତି ଯୋଗ ଦେଇ ସ୍ୱର୍ଗତଃ ମହାନ୍ତିଙ୍କ ସାମ୍ବାଦିକତା ଜୀବନୀ ଏବଂ ପ୍ରେସ୍ କ୍ଲବ ଗଠନ ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରେସ୍ କ୍ଲବର ଉପଦେଷ୍ଟା ବୟକୃଷ୍ଣ ପରିଡା,କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ,ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଡ. ରୁଦ୍ରନାରାୟଣ ପୃଷ୍ଟି,କବି ଡ. ରାଜ କିଶୋର ପାଢୀ,ସଂଗ୍ରାମ କେଶରୀ ଜେନା,କାହ୍ନୁ ଚରଣ ଦାଶ ଓ ସାମ୍ବାଦିକ କୈଳାଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## କାଳିମେଳା ଆଶ୍ରମ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି, ୨୪/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟରେ ଆଜି ପ୍ରଧାନ ସେବକ ଦୀପଙ୍କର ମଣ୍ଡଳ ଙ୍କ ଅଧକ୍ଷତାରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା ଓ ସଂମ୍ମାନୀୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ପଣ୍ଡା, କାଳିମେଳା ବନାଂଚଳ ଅଧିକାରୀ ଟଙ୍କଧର ଦାସ, ଭେଙ୍କଟପଲ୍ଲମ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ସେବକ ଗୁପ୍ତ ହରିଜନ, କୋଇକୁଣ୍ଡା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ସେବକ ରମାକାନ୍ତ ବେହେରା, ଜବାନପାଲି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନବକିଶୋର ମଲ୍ଲିକ, ମାଲକାନଗିରି ଜିଲ୍ଲା ର ଆଦିବାସୀ ନେତା ଏବଂ କବି ଭଗବାନ ହନ୍ତଲ,କାଳିମେଳା ବ୍ଲକ ପୂର୍ବତନ ଅଧକ୍ଷ ମା ଲା ମାଢ଼ି, ବରିଷ୍ଠ ସାମ୍ବାଦିକ ଜୀବନ କୃଷ୍ଣ ଦାସ ଓ ଦୁଃଶାସନ ମହାପାତ୍ର ପ୍ରମୁଖ ମଂଚାସିନ ଥିଲେ । ମଂଚାସିନ ଅତିଥି ମାନେ ନିଜ ଭାଷଣରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ସୁନାଗରିକ ହେବା ସହ ନିଜ ଶିକ୍ଷକ ମାନଙ୍କ ପ୍ରତ୍ୟେକ କଥା କୁ ମାନିବାକୁ ପରାମର୍ଶ ଦେଇଥିଲେ । ସଭା ଆରମ୍ଭରେ ପ୍ରଧାନ ସେବକ ଦୀପଙ୍କର ମଣ୍ଡଳ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପଠନ କରିଥିଲେ !ପିଲାମାନଙ୍କ ଦ୍ୱାର ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଚ ଗୀତ ଇତ୍ୟାଦି ପରିବେଷଣ କରାଯାଇଥିଲା।

# ଗ୍ରାମୀଣ ସଂସ୍କୃତିର ପୁନଃରୁଥାନ ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତନ ଓ ଜ୍ଞାନ ଆହରଣ ଏକାନ୍ତ ଆବଶ୍ୟକ

ବଡସାହି, ୨୪/୧ (ନି.ପ୍ର): ପାଠ ବହିର କୋଡୋଟି ଅକ୍ଷର ଚିହ୍ନି ପଢି ଦେଲେ ଜଣେ ପାଠୁଆ ହୋଇଯାଏ ସତ, ମାତ୍ର ସେ ଶିକ୍ଷିତ ନୁହଁ। ଯେ ପର୍ଯ୍ୟନ୍ତ ସଂସ୍କାର ଓ ଧର୍ମ ତାର ଆଚରଣରେ ପ୍ରକଟିତ ହୋଇ ନାହିଁ ସେ ପର୍ଯ୍ୟନ୍ତ ସେ ମଣିଷ ନୁହଁ। ଯାହା ଦ୍ୱାରା ସମାଜର ବହୁ ଲୋକ ପାଠ ପଢି ଉଚ୍ଚ ବେତନଭୋଗୀ ଚାକିରିଆ ସୃଷ୍ଟି ହେଉଛନ୍ତି । ବହୁ ଟଙ୍କା ଦରମା ପାଇ ଟଙ୍କା କଳ ମଧ୍ୟ ସୃଷ୍ଟି କରୁଛନ୍ତି । ମାତ୍ର ଏହାପରେ ମଧ୍ୟ ଗଢି ଉଠୁଛି ଏକ ପରିବାର। ଭାଗ ହୋଇ ଯାଉଛନ୍ତି ପିତାମାତା, ବାପାମାଆ ଜୀବନ୍ତ ଇଶ୍ୱର ପାଠ ବହିରେ ପଢିଥିଲେ ବି, ଆଚରଣ ଶୂନ୍ୟତା ପାଇଁ ଆଜିର ଦିନରେ ଗଢି ଉଠୁଛି ବହୁ ଜରା ନିବାସ। ଯଦି ଶିକ୍ଷା ଭିତରେ ମାନବିକତା ଜାଗ୍ରତ ନ ହୁଏ, ତାହା ମୂଲ୍ୟହୀନ । ତେଣୁ ପ୍ରତ୍ୟେକ ଅବିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ଶୃଙ୍ଖଳିତ ଓ ସଂସ୍କାରିତ ଗଢି ତୋଳିବା ଉଚିତ । ପାଶ୍ଚାତ୍ୟ ଅପସଂସ୍କୃତି, ଅପଶିକ୍ଷାରେ ଅନୁପ୍ରାଣିତ ହେବା ଯୋଗୁଁ ଯୁବପିଢୀଙ୍କ ମଧ୍ୟରେ ସେବା, ଦେଶପ୍ରେମ, ମାନବିକତା ଓ ନୈତିକତା ଲୋପ ପାଇବାକୁ ବସିଛି । ତେଣୁ ଭାରତୀୟ ସଂସ୍କୃତି, ପାରମ୍ପରା, ସଭ୍ୟତା ଓ ଅନୁଶାସନକୁ ମାନିବାକୁ ଏମାନେ ନାରାଜ । ଗ୍ରାମୀଣ ସଂସ୍କୃତିର ପୁନଃରୁଥାନ ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତନ, ଜ୍ଞାନ ଆହରଣ ଏକାନ୍ତ ଆବଶ୍ୟକ ବୋଲି ବଡସାହି ବ୍ଲକ୍ ଅଧିନ ଦେଉଳିଆ ଉଚ୍ଚ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧ୍ୟକ୍ଷତା କରିଛନ୍ତି। ମୂଖ୍ୟ ଅତିଥି ରୂପେ ନଡପୁର ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ପ୍ରଧାନ, ମୂଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ମିଶ୍ର, ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ସମ୍ପାଦକ ବିଦ୍ୟାଧର ସଦୁଆଳ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁନାରାୟଣ ରାଉତ, ଅଜୟ କୁମାର ଦ୍ୱିବେଦୀ, ସର୍ବେଶ୍ୱର ମଣ୍ଡଳ, ଅନାଦିଚରଣ ଲେଙ୍କା, ସମିତି ସଭ୍ୟ ନିହାର ରଂଜନ ମହାପାତ୍ର, ପ୍ରଥମ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, ଶିକ୍ଷାବିତ ହାଡିବନ୍ଧୁ ମହାପାତ୍ର ଓ ଶିକ୍ଷା କମିଟିର ସଭାପତି ମନୋରଂଜନ ଲେଙ୍କା ପ୍ରମୁଖ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିବା ସହିତ ସେମାନଙ୍କର ଅତିଥି ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପାଠ କରିଛନ୍ତି । ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ଜଳନ କରିବା ସହିତ ଗଣେଶ ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ଧୂପ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନୀତ କରିଥିଲେ । ଶେଷରେ ସଂାସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଛି। ଏହି ଉତ୍ସବର ସଫଳ ରୂପାୟନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷର ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ପୁରୀ, ୨୪/୧ (ନି.ପ୍ର): ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,ପେଣ୍ଠକଟାଠାରେ ଜିଲ୍ଲା ସ୍ଥରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପାରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କନ୍ୟା ସନ୍ତାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହିତ ସେ ଉପସ୍ଥିତ ସମସ୍ତଙ୍କୁ ଭୃଣ ପରୀକ୍ଷା ଏବଂ କନ୍ୟା ଭୃଣ ହତ୍ୟା ପାଇଁ ଥିବା ନିୟମ କାନୁନ (ପିସିପିଏନଡୀଟି) ବିଷୟରେ ଅବଗତ କରାଇଥିଲେ। ଅଧକ୍ଷ (ଏଏନଏମ ତାଲିମ କେନ୍ଦ୍ର ର ନୟନା ସାମଲ ଶିଶୁ କନ୍ୟା ସନ୍ତାନ ମାନଙ୍କ ନିମନ୍ତେ ରହିଥିବା ସରକାରୀ ସୁବିଧା ସୁଯୋଗ ଗୁଡିକ ଉପରେ ଅବଗତ କରାଇଥିଲେ ଢ଼ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ କହିଥିଲେ ସାମାଜିକ ପରମ୍ପରା, ଅନ୍ଧବିଶ୍ୱାସ ଏସବୁ ଅନେକାଂଶରେ ଦାଇ କନ୍ୟାଟିଏ ଅବହେଳିତ ହେବାରେ ,ତେଣୁ କନ୍ୟା ସନ୍ତାନ ମଧ ଦେଶ ଗଠନରେ ସମାନ ଭାଗିଦାର । ସହକାରୀ ପରିଚାଳକ (ପିସିପିଏନଡୀଟି) ପ୍ରଶାନ୍ତ କୁମାର ବେଆଇନ ଭାବରେ ଭୃଣ ପରୀକ୍ଷା କରୁଥିବା ଅନୁଷ୍ଠାନ ମାନଙ୍କ ବିଷୟରେ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ପରିବାର କଲ୍ୟାଣ ନିର୍ଦ୍ଦେଶକ (ଓଡିଶା)ଙ୍କୁ ଜଣେ ଅବଗତ କରାଇଲେ ତିନୋଟି ସୋପାନରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାରରାଶିର ପ୍ରାବଧାନ ଅଛି ବୋଲି କହିଥିଲେ। ପେଣ୍ଠକଟା ସହରାଂଚଳ ପ୍ରାଥମିକ ସ୍ୱସ୍ଥାକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲ ମୋହନ ହୋ, ଜନସ୍ୱାସ୍ଥ୍ୟ ପରିଚାଳକ ଶ୍ରୀ ରଂଜିତ କୁମାର ସ୍ୱାଇଁ ମଧ ଉପସ୍ଥିତଥିଲେ। ପରିଶେଷରେ ସହକାରୀ ପରିଚାଳକ (ତାଲିମ) ମନୋଜ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ 'ଜଗନ୍ନାଥ ସଂସ୍କୃତି ଓ ପରମ୍ପରା' ଆଲୋଚନା ଚକ୍ର ଅନୁଷ୍ଠିତ

ଚମ୍ପୁଆ, ୨୪/୧ (ନି.ପ୍ର): ଚମ୍ପୁଆସ୍ଥ ଚନ୍ଦ୍ରଶେଖର ଉଚ୍ଚ ମାଧମିକ ବିଦ୍ୟାଳୟ ଓ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ନୂଆ ଓ ପ୍ରାୟୋଜିତ '' ଜଗନ୍ନାଥ ସଂସ୍କୃତି ଓ ପରମ୍ପରା '' ଶୀର୍ଷକ ଏକ ଦିବସୀୟ ଆଲୋଚନା ଚକ୍ର ଅଧକ୍ଷ ରାଜେନ୍ଦ୍ର କୁମାର କରଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇ ଯାଇଛି। ବିଷୟ ବିଶେଷଜ୍ଞ ତଥା ସଂସ୍କୃତି ବିଶାରଦ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ରାମଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଏଥିରେ ଯୋଗ ଦେଇ ଓଡ଼ିଆ ସଂସ୍କୃତି, ଜଗନ୍ନାଥଙ୍କ ମହିମା, ଶ୍ରୀମନ୍ଦିର ପରମ୍ପରା ଏବଂ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ରିମୁଳି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଧାପକ ନବକିଶୋର ମହାନ୍ତ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସଂପର୍କ ରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ରୁପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଂଜିତ ପ୍ରତାପ ବଳ ଯୋଗ ଦେଇ ସମସ୍ତେ ଆଧାତ୍ମିକ ପରିସରରେ ରହି ଭାବ ଚିନ୍ତାଧାରା ଉନ୍ନତ କରି ସେବା ପ୍ରତିଫଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧକ୍ଷ ରାଜେନ୍ଦ୍ର କର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରିଥିବା ବେଳେ କାର୍ଯ୍ୟକ୍ରମ ର ନୋଡାଲ ଅଧିକାରୀ ତଥା ଅର୍ଥନୀତି ବିଭାଗ ଅଧାପକ ପ୍ରଶାନ୍ତ କୁମାର ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ଚେତନା ସଂପର୍କରେ ଏକ ବଳିଷ୍ଠ ଅବଧାରଣା ଦେଇଥିଲେ। ଏଥିସହ ମଂଚ ଆବାହନ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଚମ୍ପେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିସହ ଆଜି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀ ନମିତା ମହାନ୍ତ ଯୁକ୍ତ ତିନି ବିଭାଗରେ ଏବଂ ଛାତ୍ରୀ ତେଜସ୍ୱିନି ମହାନ୍ତ ଯୁକ୍ତ ଦୁଇ ବିଭାଗରେ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ଦୁଃଖୀବନ୍ଧୁ ମହାନ୍ତ, ପ୍ରାଧାପକ ସ୍ୱାଧୀନ କୁମାର ସିଂହ, ଅଧାପକ ଗୁପ୍ତେଶ୍ୱର ମାଝୀ, ବିଜୟ ଭୁଏ, ପ୍ରମୋଦ କୁମାର ନାଏକ ସହଯୋଗ କରିଥିଲେ ଏବଂ ଅନ୍ୟାନ୍ୟ ଅଧାପକ ଅଧାପିକା ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଶୁଭମ୍ ସାହୁ, ପୂଜା ଘଣା, ବିନ୍ଦୁସ୍ମିତା ପ୍ରଧାନ ଟିନା ମହାନ୍ତ ଆୟୁଶି ପାଣିଗ୍ରାହୀ ଅଞ୍ଜଳି ମହାନ୍ତ ତଥା ଅନ୍ୟମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# କଲରାପତ୍ରିଆ ବାଘ ଛାଲ ଘଟଣା: ନିରିହ ଲୋକକୁ ଗିରଫର ପ୍ରତିବାଦ

କନ୍ଧମାଳ , ୨୪/୧ (ନି.ପ୍ର): ଏକ କଲରାପତ୍ରିଆ ବାଘ ଛାଲ ମାମଲା ରେ ଏସ୍ ଟି ଏଫ୍ ଟିମ୍ କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସୁ ଡୁରୁଙ୍କୁପା ନିକଟ ନୂଆସାହି ର ଭିନ୍ନକ୍ଷମ ଗୌତମ ବେହେରା କୁ ବିନା ଦୋଷରେ ନାଟକୀୟ ଭଙ୍ଗୀ ରେ ଗିରଫ କରି କୁଆଡ଼େ ବୌଦ୍ଧ ଜେଲ କୁ ପଠାଇଥିବା ନେଇ ପୁଅ ସମୀର ବେହେରା ଓ ଝିଅ ମମତା ବେହେରା, ଭାଇ ଦଣ୍ଡପାଣି ବେହେରା, ଓ ଚକ୍ରଧର ବେହେରା ପ୍ରମୂଖ ଆଜି ବୁଧବାର ପ୍ରେସ କ୍ଲବ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଗତ ଉଣେଇଶି ତାରିଖ ଦିନ ବିଳମ୍ବିତ ରାତିରେ ଗୌତମ ଘର ସମ୍ମୁଖ ଦୋକାନ ରେ ବସିଥିବା ବେଳେ ଏସ୍ ଟି ଏଫ୍ ର କିଛି ଅଧିକାରୀ ମାନେ ଆସି ଘର ଲୋକଙ୍କୁ ନ ଜଣାଇ ଦୋକାନ ରୁ ଉଠାଇ ନେଇ ଥିଲେ। ରାତିରେ ବହୁତ ଖୋଜାଖୋଜି କରିବା ପରେ ବାପାଙ୍କୁ ନ ପାଇବା ଫଳରେ ପରଦିନ ସକାଳେ ପରିବାର ଲୋକେ ସଦର ଥାନା ରେ ଏତଲା ଦେଇଛନ୍ତି। ଆଉ ପରେ ବାଘ ଛାଲ କାରବାର ମାମଲାରେ ଗୌତମ୍ କୁ ଗିରଫ୍ କରାଯାଇ ଥିବା ଜଣାପଡ଼ିଥିଲା। ତେବେ, ବାପା ଗୌତମ ନୀରିହ ଲୋକ ସେ ଜଣେ ଭିନ୍ନକ୍ଷମ କୌଣସି ବାଘ ଛାଲ କାରବାର ରେ ସମ୍ପୃକ୍ତ ନାହାନ୍ତି ତାଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଛି ଆଉ ତାଙ୍କୁ ଶୀଘ୍ର ଖ ଲାସ୍ କରିବା ପାଇଁ ପରିବାର ଲୋକେ ଦାବୀ କରିଛନ୍ତି। ପରିବାର ଲୋକେ କନ୍ଧମାଳ ଏସ୍ ପି ଓ ଜଙ୍ଗ ଲ୍ ବିଭାଗ କତୃପକ୍ଷ ଙ୍କୁ ମଧ୍ଯ ଜଣାଇଥିବା କହିଛନ୍ତି। ଗୌତମ୍ ଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଧାରଣା ଦେବେ ବୋଲି ପରିବାର ଲୋକେ ଆହୁରି କହିଛନ୍ତି । ତେବେ ଏସ୍ ଟି ଏଫ୍ ଅଧିକାରୀ ଙ୍କ ଏ ନେଇ କୌଣସି ମତାମତ ମିଳିନାହିଁ।

## ଜୟପୁର ପୌର ପରିଷଦର ସ୍ୱତନ୍ତ୍ର ବୈଠକ

ଜୟପୁର, ୨୪/୧ (ନି.ପ୍ର): ଜୟପୁର ପୌର ପରିଷଦର ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ବୈଠକରେ ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମ ସହ ସହର ବାସୀଙ୍କୁ ପୁରୀ ଦର୍ଶନ ପାଇ ଆଲୋଚନା କରାଯାଇଥିଲା । ଆମ ଓଡିଶା ନବିନ ଓଡିଶା କାଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଂଚଳରେ ଲୋକ ମାନଙ୍କୁ ସଚେତନ କରାଯିବ । ଗତ ୩ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ମୁଳକ କାର୍ଯ୍ୟ ଉପରେ ସଚେତନ କରାଯିବ । ଜୟପୁର ପୌରାଂଚଳରେ ବସ୍ତି ବାସିନ୍ଦାଙ୍କୁ ନେଇ ୭ଟି ସ୍ଥାନରେ ସେଚତନ କରାଯିବ । ବିଭିନ୍ନ ବିଭାଗର ଷ୍ଟଲ ଖୋଲି ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, କାଳିଆ ଆଦି ଯୋଜନା ଉପରେ ସଚେତନ କରାଯିବ । ଏହା ସହ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦେଖିବା ସହ ଜଗା ଦର୍ଶନ ପାଇ ଜୟପୁର ପୌରାଂଚଳର ବାସୀ ପୁରୀ ଯିବା ନେଇ ନିଷ୍ପତି ହୋଇଛି । ପ୍ରତ୍ୟୋକ ଓାର୍ଡରୁ ୨୦ ଜଣ କୁ ପୁରୀ ନିଆଯିବର ବ୍ୟବସ୍ଥା କରାଯିବ । ଜୟପୁର ସହରରୁ ୫୬୦ କୁ ନିଆଯିବ । ସରକାରଙ୍କ ତରଫରୁ ସବୁ ବ୍ୟବସ୍ଥା କରାଯାଇଛି । ଫେବୃଆରି ୧୯ ତାରିଖରେ ଏହି ବସ ବାହାରିବ । ଯାହାର ସ୍ୱାସ୍ଥ୍ୟ ଠିକ ରହିଛି ସେମାନଙ୍କ ନାମ ପ୍ରସ୍ତୁତି କରି କାଉନସିଲର ମାନେ ପୌର ପାଳିକାକୁ ତାଲିକା ଦେବେ । ଜୟପୁର ପୌର ପାଳିକା ତରଫରୁ ବସରେ ଏକ ନୋଡାଲ ଅଫିସର ବି ସାଙ୍ଗରେ ଯିବେ । ଜଗା ଦର୍ଶନ କରି ଜୟପୁର ଆଣିବେ ବୋଲି ନିଷ୍ପତି ହୋଇଥିବା ବିଷୟ ପୌର କାର୍ଯ୍ୟ ନିର୍ବାହୀ ଅଧିକାରି ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ପଥରପଦା ନେତାଜୀ କ୍ଲବର ୨୮ତମ ବାର୍ଷିକୋତ୍ସବର ପ୍ରଥମ ସନ୍ଧ୍ୟା

କୋରେଇ, ୨୪/୧ (ନି.ପ୍ର): ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୨୮ ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟା ଉଦ୍ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଅବସରରେ କୋରାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ଘଡାଇଙ୍କ ବିୟୋଗରେ ଶ୍ରଦ୍ଧାଂଜଳୀ ସଭା କରାଯିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷୟତ୍ରୀ ମମତା ପଣ୍ଡାଙ୍କ ସଂଚାଳନାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ତିରୁପତି ପାଣିଗ୍ରାହୀ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପଥରପଦା ସରପଂଚ ମଧୁସ୍ମିତା ବରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ମଦନ ମୋହନ ବେହେରା, ନାରାୟଣ ଚନ୍ଦ୍ର ଧଳ. ଶତ୍ରୁଘ୍ନ ନାୟକ, ସୂର୍ଯ୍ୟମଣି ପଣ୍ଡା, ଯାତ୍ରା ଅଭିନେତା ଅରିକ୍ଷିତ ଦାସ (ଭିକାରୀ)ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ତିରୁପତି ପାଣିଗ୍ରାହୀ ଓ ଭିକାରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା । ଶେଷରେ କ୍ଲବର ଉପଦେଷ୍ଟା ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକତା ସଂଜୟ କୁମାର ବେହେରା, ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପ୍ୟାରୀ ମୋହନ ବାରିକ, ପର୍ଶୁରାମ ବେହେରା, ରବିନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଂଜନ ସାହୁ, ଅନିରୁଦ୍ଧ ବାରିକ,ସୁଧାଂଶୁ ବାରିକ, ଉମେଶ ବାରିକ, ଅମୀୟ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ବର୍ଷା ପାଇଁ ଫିକା ପଡିଲା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଚମ୍ପୁଆ, ୨୪/୧ (ନି.ପ୍ର): କୋହଲା ପାଗ ସାଙ୍ଗକୁ ସକାଳୁ ଝିପି ଝିପି ବର୍ଷା ପାଇଁ ଆଜି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଓ କାଳିକା ପ୍ରସାଦ ଠାରେ ଆୟୋଜିତ ପଂଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ପଂଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଫିକା ପଡ଼ିଯାଇଥିବା ଦେଖିବାକୁ ମିଳିଛି। ଗ୍ରାମାଂଚଳର ଭିତ୍ତି ଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ନିମନ୍ତେ ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ଯୋଜନା କରାଯିବା ପାଇଁ ପଂଚାୟତ ତରଫରୁ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିପରି ଲୋକେ ପାଇ ପାରିବେ ଏହି ଯୋଜନା ଗୁଡିକ ଲୋକମାନେ କିଭଳି ଅବଗତ ହେବେ ଏହାକୁ ନେଇ କାର୍ଯ୍ୟକ୍ରମ ଆୟୋଜିତ କରା ଯାଇଥିବା ବେଳେ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଦୁଇ ପଂଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀ ସକାଳୁ ପହଂଚି ଥିବା ବେଳେ ସକାଳୁ ଲାଗି ରହିଥିବା କୋହଲା ପାଗ ସାଂଗକୁ ଝିପିଝିପି ବର୍ଷା ଏହି କାର୍ଯ୍ୟକ୍ରମକୁ ଫିକା କରି ଦେଇଥିବା ଦେଖିବାକୁ ମିଳିଛି ।ତେବେ ବର୍ଷା ପାଇଁ ନିର୍ଧାରିତ ସକାଳ ୧୦ ଠାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ପାରି ନ ଥିବା ବେଳେ ଅପରାହ୍ନ ୩ଟା ବେଳେ ଏହି କାର୍ଯ୍ୟକ୍ରମ ଯେନତେନ ପ୍ରକାରେ କରାଯାଇଥିବା ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମ ଟିକୁ ଚମ୍ପୁଆ ବିଡ଼ିଓ ଉଦଘାଟନ କରିଥିବା ବେଳେ ଏହି ଅବସରରେ ଏବିଡିଓ ଚୁନୁ ହାଁସଦା ମଧ ଉପସ୍ଥିତି ଥିଲେ। ବର୍ଷା ପାଇଁ ଆବଶ୍ୟକ ଲୋକଙ୍କ ସମାଗମ ହୋଇ ନ ଥିବା ଯୋଗୁଁ କାର୍ଯ୍ୟକ୍ରମ ଫିକା ପଡି ଥିଲା। ତେବେ ଲୋକ ମାନଙ୍କ ପାଇଁ ପକା ଯାଇଥିବା ଚେୟାର ଫାଙ୍କା ପଡିଥିବା ବେଳେ ଅପରାହ୍ନରେ ଯେନତେନ ପ୍ରକାରେ କାର୍ଯ୍ୟକ୍ରମ ଶେଷ କରାଯାଇଥିବା ଜଣାପଡ଼ିଛି ।

## ଆଦିବାସୀ ପରମ୍ପରାରେ ପୁଷପୁନୀ

ପ୍ରେମାନନ୍ଦ ପାଣିଗ୍ରାହୀ



ଆମ ରାଜ୍ୟ ଜନସଂଖ୍ୟାର ୨୩ ପ୍ରତିଶତ ହେଉଛନ୍ତି ଆଦିବାସୀ । ଆଦିବାସୀ କହିଲେ ମୁଖ୍ୟତଃ ସେହିମାନଙ୍କୁ ଆମେ ବୁଝୁ , ଯେଉଁମାନେ ପାହାଡ,ପର୍ବତ,ବଣଜଙ୍ଗଲରେ ରହନ୍ତି, ଯେଉଁମାନେ ପ୍ରକୃତି କୋଳରେ ରହି ପ୍ରକୃତିକୁ ଭଲ ପାଆନ୍ତି । ମୁଖ୍ୟତଃ ଏମାନଙ୍କ ଜୀବନଧାରା ସହିତ ଜଙ୍ଗଲ ଅଙ୍ଗାଙ୍ଗୀ ଭାବେ ଜଡିତ। ଜୀବିକା ପାଇଁ ଏମାନେ ଜଙ୍ଗଲ ଉପରେ ନିର୍ଭର କରନ୍ତି। କର୍ମକ୍ଲାନ୍ତ ଜୀବନରୁ ସାମାନ୍ୟ ଅବସର ମିଳିଲେ ଅବସର ବିନୋଦନ ପାଇଁ ଏମାନଙ୍କର ନୃତ୍ୟ, ଗୀତ ଓ ବାଦ୍ୟ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ପାଲଟିଥାଏ । ବିଭିନ୍ନ ପର୍ବପର୍ବାଣୀ ଓ ବିଭାପୁଆଣି ସମୟରେ ସମସ୍ତେ ନାଚଗୀତରେ ଏକାକାର ହୋଇଯାନ୍ତି। ସେଠାରେ ନଥାଏ ବୟସ ଅଥବା ଧନୀ ଗରୀବର ତାରତମ୍ୟ। କିଛି ସମୟ ଲାଗି ସମସ୍ତେ ଯେମିତି ନିଜର ଅଭାବୀ ତେଲଲୁଣର ସଂସାରକୁ ଭୁଲିଯାଇ ଏକ କଳ୍ପନା ରାଇଜରେ ମସଗୁଲ ହୋଇଯାନ୍ତି। ଆଦିବାସୀ ସମାଜର ନିଜର ଏକ ସ୍ୱତନ୍ତ୍ର ପରିଚୟ ଅଛି। ତାହା ହେଉଛି ଗୋଟିଏ ଗାଁ ଗୋଟିଏ ଗୋଷ୍ଠୀ। ସବୁ ପର୍ବପର୍ବାଣି ଏକତ୍ର ପାଳନ କରିବା ଏମାନଙ୍କର ପରମ୍ପରା । ଆଦିବାସୀ ପୁରପଲ୍ଲୀରେ ଆଠକାଳ ବାର ମାସ ମଧ୍ୟରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଚଇତି ପରବ,ଦଶହରା,ଦିଆଲି ଯାତରା,ବାଲିଯାତ୍ରା ଓ ପୁଷପୂନି ଅନ୍ୟତମ । ଏସବୁ ପର୍ବକୁ ବେଶ ଧୁମଧାମରେ ପାଳନ କରିଥାନ୍ତି ବନବାସୀମାନେ।

ଆଦିବାସୀମାନଙ୍କର ଲୋକ ବିଶ୍ୱାସରୁ ଜନ୍ମ ନେଇଛି ସେମାନଙ୍କର ଧର୍ମଧାରଣା। ଏହି ବିଶ୍ୱାସକୁ ପାଥେୟ କରି ରୋଗରୁ ମୁକ୍ତି,ଗୋସମ୍ପଦର ସୁରକ୍ଷା,ଭଲ ବର୍ଷା,ଉତ୍ତମ ଫସଲ,ସନ୍ତାନ ପ୍ରାପ୍ତି ନିମନ୍ତେ ସୂର୍ଯ୍ୟ,ଚନ୍ଦ୍ର,ଧରଣୀ ଓ ବୃକ୍ଷକୁ ସେମାନେ ପୂଜା କରିଆସୁଛନ୍ତି । ପୌଷ ମାସ ଖରିଫ ଫସଲ ଅମଳର ସମୟ । ଫସଲର ଦେବୀ ଶାକମ୍ବରୀଙ୍କର ଜନ୍ମ ଦିନ ଭାବରେ ପୌଷ ପୂର୍ଣ୍ଣମୀକୁ ପାଳନ କରାଯାଏ । ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ପୁଷ୍ୟାଭିଷେକ ପୂର୍ଣ୍ଣିମା ଅନ୍ୟତମ। ଶ୍ରୀରାମ ବେଶରେ ଜଗନ୍ନାଥ ଫୁଲ ଧନୁଶର ବେଶ ଧାରଣ କରନ୍ତି । ତେବେ ବନବାସୀଙ୍କ ଯାନିଯାତ୍ରା ଓ ପର୍ବପର୍ବାଣୀଗୁଡିକ ମଧ୍ୟରେ ପୁଷ୍ ପୁନି ର ଏକ ନିଆରା ଆକର୍ଷଣ ରହିଛି। ସେମାନେ ଏହି ପର୍ବକୁ ବେଶ୍ ଉତ୍ସାହ ଉଲ୍ଲାସର ସହ ପାଳନ କରିଥାନ୍ତି । ପୌଷମାସରେ ବିଭିନ୍ନ ଆଦିବାସୀ ପଲ୍ଲୀର ତରୁଣ ଓ ତରୁଣୀଙ୍କ ସମେତ ବୟସ୍କ ଓ ବୃଦ୍ଧବୃଦ୍ଧାମାନେ ପାରମ୍ପରୀକ ପରିପାଟୀରେ ସଜ୍ଜିତ ହୋଇ ଗାଁ ଗାଁ ବୁଲିଥାନ୍ତି । ପ୍ରତିଦିନ ଗାଁ ଗାଁ ବୁଲି ମନୋରଞ୍ଜନର ଆକର୍ଷଣୀୟ କାର୍ଯ୍ୟକ୍ରମ ଯଥା ଦେଶିଆନାଟ,ଢେମସା,ରିଞ୍ଜୋଡି,ଧାଙ୍ଗଡି ନାଟ,ଦାସକାଠି,ଦଣ୍ଡ ହଳିଆ ଆଦି ପରିବେଷଣ କରି ଧାନ ଠାରୁ ଆରମ୍ଭ କରି ମାଣ୍ଡିଆ, ଗହମ, ବିରି, କୋଳଥ, ଟଙ୍କାପଇସା ଆଦି ସଂଗ୍ରହ କରନ୍ତି । ଏହାକୁ କନିଆଁ ଝୁନିଆଁ କୁହାଯାଏ । ମାଗଣ ସମୟରେ ସେମାନଙ୍କ କଣ୍ଠରୁ ଭାସି ଆସେ ମୁଠକେ ଚାଉଳ ଦିଆ, ଦେଲେ ଦିଆନହେଲେ ନାହିଁ, ଯିବୁ ଆମରି ପାରାରେ । ଦିନବେଳେ ନୃତ୍ୟ ପରିବେଷଣ କରି ସନ୍ଧ୍ୟାରେ ଗ୍ରାମକୁ କଳାକାରମାନେ ଫେରି ଆସନ୍ତି ବେଳେବେଳେ ଅନ୍ୟ ଗ୍ରାମରେ ଭୋଜିଭାତ କରି ରାତି ତମାମ ନୃତ୍ୟଗୀତର ଆସର ଜମାଇଥାନ୍ତି । ପୁଷପୂନି ପୂର୍ବରୁ ଗ୍ରାମବାସୀ ଜଣେ ଅଭିଜ୍ଞ ଗୁରୁଙ୍କୁ ଆମନ୍ତ୍ରଣ କରି ପାରିଶ୍ରମିକ ଦେବା ସହ ତାଙ୍କ ଠାରୁ ଦଣ୍ଡାହଳିଆ ନୃତ୍ୟ ଶିକ୍ଷାଲାଭ କରିଥାନ୍ତି । ଦଣ୍ଡାହଳିଆ ନାଚର ନର୍ତ୍ତକ ପାଲା କଳାକାରଙ୍କ ଭଳି ପୋଷାକ ପରିଧାନ କରିବା ସହ ମୁଣ୍ଡରେ ମୟୁର ପୁଛ ଟାହିଆ ଓ ରଙ୍ଗବେରଙ୍ଗର ଧୋତି ପଞ୍ଜାବୀ ପିନ୍ଧିଥାନ୍ତି । ହାତରେ ଦୁଇଟି ବାଉଁଶ କାଠି ଧରି ଯୁଦ୍ଧଭିତ୍ତିକ ବୀର ନୃତ୍ୟ ପରିବେଷଣ କରିଥାନ୍ତି।

ପୂର୍ଣ୍ଣିମା ପୂର୍ବରୁ ପୁଷପୁନି ପାଇଁ ସମସ୍ତ ପ୍ରସ୍ତୁତି ସରିଯାଇଥାଏ । ପୂନେଇଁ ଦିନ କନିଆଁଝୁଆଁରୁ ଆଣିଥିବା ଶସ୍ୟ ଓ ଟଙ୍କାକୁ ମହିଳାମାନେ ଗାଁର ହୁଣ୍ଡି ନିକଟରେ ରଖି ବନ୍ଦାପନା କରନ୍ତି। ସାମୂହିକ ପର୍ବ ଭାବରେ ପାଳନ କରିଥାନ୍ତି। ପ୍ରତି ଘରେ ପିଠାପଣା ଓ ମାଛମାଂସର ଆସର ଜମେ। ନୂଆବସ୍ତ୍ର ପିନ୍ଧି କାନ୍ଧରେ କାନ୍ଧ ମିଶାଇ ତରୁଣ ତରୁଣୀ ଠାରୁ ଆରମ୍ଭ କରି ବୟସ୍କ ପୁରୁଷ ଓ ମହିଳା ନୃତ୍ୟରେ ମସଗୁଲ ହୋଇଯାନ୍ତି। ଜନଜାତିର ଝୋଡିଆ ସମ୍ପ୍ରଦାୟ ପୁଷପର୍ବକୁ ନୂଆଖିଆ ଭାବରେ ପାଳନ କରନ୍ତି। ଖରିଫ ଋତୁରେ ଅମଳ ହୋଇଥିବା ଫସଲ ଯଥା ଚାଉଳ, ମାଣ୍ଡିଆ, କାଙ୍ଗୁ, ଖୋସଲା, ସୁଆଁ,ଜନା, ସୁଆଁ, ଅଳସି କୁ ଗାଁ ମୁଣ୍ଡରେ ଥିବା ନିଶାଣ ମୁଣ୍ଡାରେ ଅର୍ପଣ କରିଥାନ୍ତି। ନୂଆ ଚାଉଳରେ ଭାତ,ମାଣ୍ଡିଆ ଚକୁଳିକୁ ନିଶାଣ ମୁଣ୍ଡାରେ ଭୋଗ ଦେଇ ଏକତ୍ର ଭୋଜନ କରିଥାନ୍ତି । ନିଶାଣ,ଚାଙ୍ଗୁ ବାଦ୍ୟର ତାଳେତାଳେ ଯୁବକଯୁବତୀମାନେ ଢେମସା ଓ ସାଇଲୋଡିର ନାଚରେ ମଜିଯାନ୍ତି ।

ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## ନବ ବିବାହିତା ଓ ନୂଆ ପରିବାର



ନବ ବିବାହିତାଙ୍କ ନୂଆ ପରିବାରରେ ଆଡ଼ଜଷ୍ଟ୍ କରିବା କଷ୍ଟସାଧ ହୋଇଥାଏ। ସମସ୍ତଙ୍କ ମନରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ ହେଲେ ସମସ୍ତଙ୍କ ପସନ୍ଦ ନାପସନ୍ଦ ବୁଝିବାକୁ ହେବ ଏବଂ ସମସ୍ତଙ୍କ ମନ ନେଇ ଚଳିବାକୁ ହେବ ବୋଲି ଇମେଜ କନସଲ୍ଟିଙ୍ଗ କମ୍ପାନୀ ଷ୍ଟାଇଲ ଡଟ୍ ଇଙ୍କର ଫାଉଣ୍ଡର ଏବଂ ସିଇଓ ମେହା ଭାର୍ଗବ କହନ୍ତି। ତେଣୁ ପ୍ରତ୍ୟେକଟି ନବବିବାହିତା ଏଥିପାଇଁ ଜାଣିରଖନ୍ତୁ କିଛି ଟିପ୍ସ।

- ଜଣେ ନବବିବାହିତା ତାଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବା ଦରକାର ଏବଂ ଯେଉଁ ପରିବାରର ସଦସ୍ୟଙ୍କ ସଙ୍ଗେ ସେ ରହିବେ ସେମାନଙ୍କ ପସନ୍ଦ ନାପସନ୍ଦ ସେ ଭଲଭାବେ ବୁଝିବା ଦରକାର।

- ନୂଆ ଘରକୁ ପ୍ରବେଶ କରିବାପରେ ପ୍ରତ୍ୟେକ ଲୋକଙ୍କ ସହ ଆଡ଼ଜଷ୍ଟ କରି ଚଳିବାକୁ ହେବ ଏବଂ ପ୍ରତ୍ୟେକ ଲୋକ କେଉଁଭଳି ଏବଂ ସେମାନଙ୍କ ସହ କେଉଁଭଳି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ ସେକଥା ବୁଝିବା ଦରକାର।

- ଜଣେ ନବବିବାହିତା ତାଙ୍କ ଶାଶୁଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଦରକାର। କାରଣ, ସେ ଯଦି ଖୁସି ରହିବେ ତେବେ ଜଣେ କନ୍ୟା ଶାଶୁଘରେ ନିଜକୁ ଠିକ୍ ରୂପେ ଚଳାଇନେବେ।

- ପ୍ରତ୍ୟେକଟି ଘରେ କିଛି ନିର୍ଦ୍ଦିଷ୍ଟ ନିୟମ ଏବଂ ମୂଲ୍ୟବୋଧ ରହିଛି ଏବଂ ତାହା ଘରର ପ୍ରତ୍ୟେକ ସଦସ୍ୟ ମାନିଥାନ୍ତି। ତେଣୁ ଜଣେ ନବବିବାହିତା ମଧ ନିଜ ନୂଆ ଘରର ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ନିର୍ଦ୍ଦିଷ୍ଟ ନୀତିନିୟମ ମାନି ଚଳିବା ଦରକାର।

- ଜଣେ ପରିବାରର ସଦସ୍ୟଙ୍କୁ ଜଜ୍ କରିବା ପାଇଁ କିଛିଦିନ ସମୟ ନେବା ଦରକାର। ଖୁବ୍ ଶୀଘ୍ର କାହାକୁ ଜଜ୍ କରିବା ଠିକ୍ ନୁହେଁ। କାରଣ, ଜଣେ ମହିଳା କେବଳ ତା' ସ୍ୱାମୀକୁ ନେଇ ରହିବନି ବରଂ ପରିବାରର ସମସ୍ତ ସଦସ୍ୟଙ୍କୁ ନେଇ ରହିବ। ସେ ନିଜେ ଓପନ ମାଇଣ୍ଡେଡ଼୍ ହେବା ଦରକାର।



- ଯଦି କୌଣସି ପରିସ୍ଥିତିରେ ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ସହ ମତାନ୍ତର ହୁଏ ତେବେ ସେ କ୍ଷେତ୍ରରେ ଜଣେ ନବବିବାହିତା ଯୁକ୍ତିତର୍କ ନକରି ସହାନୁଭୂତିଶୀଳ ହେବା ଦରକାର। ନବବିବାହିତା ଶାଶୁଘର ଫ୍ରେଣ୍ଡଲି ଏବଂ ସ୍ନେହପୂର୍ଣ୍ଣ ବ୍ୟବହାର କରିବା ଦରକାର।

- ଏହା ସହିତ ନିଜ ବାପା ମା ଏବଂ ଶାଶୁ ଶ୍ୱଶୁରଙ୍କ ସହ ସମ୍ପର୍କକୁ ସଠିକ୍ ରୂପେ ସନ୍ତୁଳନ କରି ରଖିବା ଦରକାର ଯେଉଁଠି କେହି ଯେମିତି ନିଜକୁ ଅବହେଳିତ ଏବଂ କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ନଭାବିବେ।

## ଶିଶୁପାଇଁ ମା' କ୍ଷୀର ସବୁଠାରୁ ଭଲ

ଆଜିକାଲିର ଫେଶନ ଦୁନିଆ, ଚାଲିଚଳଣୀକୁ ନେଇ ନବଜାତ ଶିଶୁଙ୍କୁ କ୍ଷୀର ପରିବର୍ତ୍ତେ ଅନ୍ୟ କେତେ ପ୍ରକାର ଖାଦ୍ୟ ଦିଆଯାଉଥିଲେ ହେଁ ମା' କ୍ଷୀର ସବୁଠାରୁ ଭଲ । ଏ କଥା ଯୁଗେ ଯୁଗେ ପ୍ରମାଣିତ ହୋଇଛି । ଆଜିକାଲି ପରି ସେ କାଳରେ ପାଉଡ଼ର କ୍ଷୀର ମିଳୁନଥିଲା । ମାଷ କ୍ଷୀର ପିଇ ସମସ୍ତେ ହୃଷ୍ଟପୃଷ୍ଟ ଓ ନିରୋଗୀ ହେଉଥିଲେ । ତେଣୁ ଶିଶୁର ସୁରକ୍ଷା ପାଇଁ ସଂପୃକ୍ତ ମା'ର ସ୍ୱାସ୍ଥ୍ୟାବସ୍ଥା ପ୍ରତି ପ୍ରଥମେ ଗୁରୁତ୍ୱ ଦିଆଯାଉଥିଲା । ବର୍ତ୍ତମାନ ସବୁ କଥା ବଦଳିଗଲାଣି । ମା' ମାନେ ଜନ୍ମିତ ଶିଶୁକୁ ଅଧିକ ଦିନ ସ୍ତନ୍ୟପାନ ନ କରାଇ ଅନ୍ୟାନ୍ୟ ଖାଦ୍ୟ ଦେଇଛନ୍ତି । ଯାହା ଫଳରେ ଛୋଟ ପିଲାମାନେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହେଉଥିବା ଛୋଟ ଶିଶୁଙ୍କର ନିରାପତ୍ତା ପାଇଁ ବିଶେଷ ଆଗ୍ରହ କରି ମହିଳା ଡାକ୍ତର ଅରମିନା ଫର୍ଣ୍ଣାଡ଼େଜ ପ୍ରତିଷ୍ଠା କରିଛନ୍ତି ଏକ ମନୁଷ୍ୟ ଦୁଗ୍ଧ ବ୍ୟାଙ୍କ । ତାଙ୍କର ଲକ୍ଷ୍ୟ ମହତ । ଶୈଶବ ଅବସ୍ଥାରେ ମାତୃସ୍ତନ୍ୟ ପାନରୁ ବଂଚିତ ହେବା ସହ ଛାଡ଼ାବାନ୍ତି, ଡ଼ାଇବେଟିସ୍, ଆଜମା ଓ ଅନ୍ୟାନ୍ୟ ଆଲର୍ଜିରେ ପୀଡ଼ିତ ଶିଶୁମାନଙ୍କୁ ମନୁଷ୍ୟ କ୍ଷୀର ଯୋଗାଇ ସେମାନଙ୍କର ଜୀବନ ରକ୍ଷା କରିବା ହେଉଛି ଡ଼ାକ୍ତର ଅରମିନା ଫର୍ଣ୍ଣାଡ଼ିଜଙ୍କ



ମୂଳଲକ୍ଷ୍ୟ । ଏ ଦିଗରେ ସେ ମଧ୍ୟ ଆଶାନୁରୂପକ ସଫଳତା ପାଇ ଆସୁଛନ୍ତି । ମହାରାଷ୍ଟ୍ରର ପୁଣେସ୍ଥିତ ସିଓନଠାରେ ଥିବା ଲୋକମାନ୍ୟ ତିଳକ ମ୍ୟୁନସପାଲ ଜେନେରାଲ ହସପିଟାଲରେ ଡ଼ାକ୍ତର ଅରମିଦା ଫଣ୍ଡାଡ଼େଜ ପ୍ରତିଷ୍ଠା କରିଛନ୍ତି ମହିଳା ଦୁଗ୍ଧ ବ୍ୟାଙ୍କ । ଏପରି ଏକ ପରିକଳ୍ପନା ତାଙ୍କ ଜୀବନର ପରମ ଲକ୍ଷ୍ୟ ଓ ଅଭିଳାଷ ଥିଲା ବୋଲି କୁହନ୍ତି ଡ଼ାକ୍ତର ଅରମିଦା । ମାତୃକ୍ଷୀର ମିଳିବା କଷ୍ଟକର ତଥାପି ସେ ମହିଳାଙ୍କ ମଧରେ ଏକ ଉତ୍ସାହଜନକ ସଚେତନତା ସୃଷ୍ଟି କରି ବର୍ତ୍ତମାନ ୯୨୪ ଲିଟର ମହିଳା ଦୁଗ୍ଧ ସଂଗ୍ରହ କରିପାରିଛନ୍ତି । ଏ ସଂପର୍କିତ ନିଜର ଅନୁଭୂତି ଓ ଅଭିଜ୍ଞତା ସଂପର୍କରେ ଡ଼ାକ୍ତର ଅରମିଦା କହିଛନ୍ତି ଯେ ପ୍ରତିବର୍ଷ ଏହି ଡ଼ାକ୍ତରଖାନାରେ ୧୨ ହଜାର ମହିଳାଙ୍କର ସନ୍ତାନ ପ୍ରସବ କରାଯାଉଛି । ଇଣ୍ଟେନସିଭ କାଉନସେଲିଂ ପରେ ମହିଳାମାନେ ସ୍ୱତଃପ୍ରବୃତ୍ତ ଭାବେ କ୍ଷୀର ଦାନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ରକ୍ତଦାନ ପରି ଦୁଗ୍ଧ ଦାନ ମଧ ମହାପୂଣ୍ୟ ବୋଲଇ କୁହନ୍ତି ଡ଼ାକ୍ତର ଅରମିଦା । ନବଜାତ ଶିଶୁଙ୍କ ଜୀବନରକ୍ଷା ଓ ସୁରକ୍ଷା ପାଇଁ ଭବିଷ୍ୟତରେ ଆଉ କେତେକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା ଡ଼ାକ୍ତର ଅରମିଦା କହିଛନ୍ତି ଯେ ବହୁମୂତ୍ର ରୋପ, ଆଜମା ଓ ଅନ୍ୟାନ୍ୟ ଆଲର୍ଜିରେ ପୀଡ଼ୀତ ପ୍ରି-ଟମ ଶିଶୁଙ୍କୁ ଭେଣ୍ଟିଲେଟର ଦ୍ୱାରା କିପରି ମନୁଷ୍ୟ କ୍ଷୀର ଦିଆଯାଇ ପାରିବ ସେ ସଂପର୍କରେ ଅଧିକ ଗବେଷଣା ଓ ପରୀକ୍ଷା ନୀରିକ୍ଷା ଚାଲିଛି । ପୁଣେସ୍ଥିତ ଏହି ଲୋକମନୀ ତିଳକ୍ ମ୍ୟୁନିସପାଲ ଜେନେରାଲ ହସ୍‌ପିଟଲା ନିଓ ନାଟୋଲୋଜି ବିଭାଗର ମୁଖ୍ୟ ଜୟଶ୍ରୀ ମୋଦକର କହିଛନ୍ତି ଯେ ୧୯୮୯ରେ ଆମେ ଏଠାରେ ପ୍ରଥମେ ମନୁଷ୍ୟ ଦୁଗ୍ଧ ବ୍ୟାଙ୍କ ପ୍ରତିଷ୍ଠା କରିବା ପରେ ୨୦୦୫ , ୨୦୦୬ ଓ ୨୦୦୭ ରେ ଅନ୍ୟାନ୍ୟ ମନୁଷ୍ୟ ଦୁଗ୍ଧ ଡ଼ାକ୍ତର ଖାନାରେ କେମ୍, ଜେଜେ ଓ କାମା ଆଲବିଜ୍ ପ୍ରତିଷ୍ଠା ହେଲା । ମୁମ୍ବାଇସ୍ଥିତ ଭାବା ମ୍ୟୁନିସପାଲ ହସ୍‌ପିଟାଲରେ ଏଇ ପ୍ରଚାର ଏକ ମନୁଷ୍ୟ ଦୁଗ୍ଧ ବ୍ୟାଙ୍କ ଖୋଲିବା ପ୍ରସ୍ତାବ-ରହିଛି । ଅନ୍ୟତମ ଡ଼ାକ୍ତର ଉମେଶ ବୈଦ୍ୟ କହିଛନ୍ତି ଯେ ମହିଳାଙ୍କ ଠାରୁ ସଂଗ୍ରହ କରାଯାଉଥିବା କ୍ଷୀର ଅତିବେଶୀରେ ଛଅ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ ।

## ହସନ୍ତୁ, ଦୀର୍ଘାୟୁ ହୁଅନ୍ତୁ



ହସିବାର ଅନେକ ଉପକାରିତା ରହିଛି । ଏହାଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏ । ଆମର ମସ୍ତିଷ୍କ ଅଧିକ ମାତ୍ରାରେ ଅମ୍ଳଜାନ ଆବଶ୍ୟକ କରେ । ହସିବାସ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଏହାଦ୍ୱାରା ଫୁସ୍‌ଫୁସ୍‌ମାନଙ୍କର ଉପଯୁକ୍ତ ବ୍ୟାୟାମ ହୋଇଥାଏ । ଏକ ଗବେଷଣାର ପରିଣାମ ଅନୁସାରେ ଅମ୍ଳଜାନର ଉପସ୍ଥିତିରେ କ୍ୟାନ୍‌ସର କୋଷିକା ସହିତ ଅନେକ ପ୍ରକାର ଜୀବାଣୁ ଏବଂ ଭୂତାଣୁ ନଷ୍ଟ ହୋଇଯାଆନ୍ତି । ହସିବା ଦ୍ୱାରା ଶରୀରର ପ୍ରତିରୋଧକ ବ୍ୟବସ୍ଥା ମଜ୍‌ଭୁତ ହୋଇଥାଏ ।

ଖୁବ୍ ହସନ୍ତୁ । ଯଦି ଆପଣ ଧ୍ୟାନ କରିବାକୁ ଚାହୁଁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଜୋର୍‌ରେ ମନଖୋଲା ହସ ହସିବାକୁ ପଡିବ । କାରଣ ଏହା ଧ୍ୟାନର ପ୍ରଥମ ପାହାଚ । ଏସବୁ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏବେ ବିଶେଷଜ୍ଞମାନେ ଏଥିରେ ସହମତ ହୋଇଛନ୍ତି । ଯଦି ଆପଣ ଧ୍ୟାନର ଅଭ୍ୟାସ ଆରମ୍ଭ କରିବା ଚାହାନ୍ତି ତେବେ ସର୍ବପ୍ରଥମେ ମନରେ ଏକାଗ୍ରତା ଆଣିବାକୁ ପଡିବ । ତେଣୁ ହସିଲା ବେଳେ ଆମେ ସବୁ ଭୁଲି ଏକାଗ୍ରଚିତ୍ତ ହୋଇଯାଉ । ଅତୀତୀ କଷ୍ଟସବୁ ଭୁଲି ହୋଇଯାଏ । ହସିବା ସମୟରେ ଆମୀ ମସ୍ତିଷ୍କ ଚିନ୍ତାମୁକ୍ତ ହୋଇ କେବଳ ବର୍ତ୍ତମାନ ଉପରେ କେନ୍ଦ୍ରୀଭୁତ ହୁଏ । ଶରୀରର ଚେତନା ଏବଂ ଆତ୍ମା ମଧ୍ୟ ଏହି କ୍ରିୟାରେ ସମ୍ମିଳିତ ହୋଇ ଯାଆନ୍ତି । ଯଦି କୌଣସି ବ୍ୟକ୍ତି ସକାଳ ବେଳା ହାତ୍ୟ ଧ୍ୟାନ ଯୋଗର ଅଭ୍ୟାସ କରନ୍ତି ତେବେ ଦିନସାରା ତାଙ୍କୁ କୌଣସି ଚିନ୍ତା, ବ୍ୟସ୍ତତା ଛୁଇଁପାରିବ ନାହିଁ । ସନ୍ଧ୍ୟାବେଳେ ଏହାର ଅଭ୍ୟାସ କରାଗଲେ ରାତିରେ ଭଲ ନିଦ ହେବା ସହିତ ସୁ-ସ୍ୱପ୍ନର ସୁଖଦ ଅନୁଭବ କରିପାରିବେ ।

ମାନସିକ ଶକ୍ତିର ପୟୋଗ:

ହାସ୍ୟ ଯୋଗ ଗୁରୁ ଜିତେନ୍ କୋହି କହିବାନୁସାରେ ହସିବା ମଧ୍ୟ ଏକ ଯୋଗ । ହାସ୍ୟର ଅର୍ଥ ମନର ଶକ୍ତି ବୃଦ୍ଧି ହୋଇଥିଲା ବେଳେ ଯୋଗ ଅର୍ଥ ଯୋଡିବା । ତେଣୁ ଦୁଇଟି ପରସ୍ପରର ପରିପୂରକ । ମଣିଷର ମସ୍ତିଷ୍କ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ବିଚାର ଏବଂ ମନ । ଶରୀରର ୯୦ ପ୍ରତିଶତ ଶକ୍ତି ମନ ପାଇଁ ଏବଂ ୧୦ ପ୍ରତିଶତ ବିଚାର ପାଇଁ ସଂରକ୍ଷିତ ହୋଇ ରହିଥାଏ । ଉଦାହରଣ ସ୍ୱରୂପ ଆମେ କେଣସି କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ତାକୁ ସମ୍ପୂର୍ଣ୍ଣ କରିବା ଦିଗରେ ମାନସିକ ଦୃଢ଼ତା ହିଁ ଦାୟୀ । ଯେ ପର୍ଯ୍ୟନ୍ତ ମନ ଦୃଢ଼ ହୋଇ ନାହିଁ ଧ୍ୟାନ ଅବସ୍ଥାକୁ ଯିବା ଖୁବ୍ କଠିନ । ହେଲେ ଅଧିକାଂଶ ଲୋକ ମାନସିକ ଶକ୍ତର ମାତ୍ର ୧୦ ପ୍ରତିଶତ ବ୍ୟବହାର କରିପାରନ୍ତି । ଯଦି ହାସ୍ୟ ଯୋଗର ଅ୍ୟାସ କରାଯାଏ ତେବେ ମାନସିକ ଶକ୍ତି ଅଧିକରୁ ଅଧିକ ବ୍ୟବହାର କହିହେବ ।

ହିସାବର ଅନେକ ଉପକାରିତା ରହିଛି । ଏହାଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏ । ଆମର ମସ୍ତିଷ୍କ ଅଧିକ ମାତ୍ରାରେ ଅମ୍ଳଜାନ ଆବଶ୍ୟକ କରେ । ହସିବା ଦ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଏହାଦ୍ୱାରା ଫୁସ୍‌ଫୁସ୍‌ମାନଙ୍କର ଉପଯୁକ୍ତ ବ୍ୟାୟାମ ହୋଇଯାଏ । ଏକ ଗବେଷଣାର ପରିଣାମ ଅନୁସାରେ ଅମ୍ଳଜାନର ଉପସ୍ଥିତିରେ କ୍ୟାନ୍‌ସର କୋଷିକା ସହିତ ଅନେକ ପ୍ରକାରର ଜୀବାଣୁ ଏବଂ ଭୂତାଣୁ ନଷ୍ଟ ହୋଇଯାଆନ୍ତି । ହସିବା ଦ୍ୱାରା ଶରୀରର ପ୍ରତିରୋଧକ ବ୍ୟବସ୍ଥା ମଜ୍‌ଭୁତ ହୋଇଥାଏ । ଚିନ୍ତା, କ୍ରୋଧ ଆଦି ଅବସ୍ଥା ପାଇଁ ମସ୍ତିଷ୍କର ୪୦ଟି ମାଂସପେଶୀଙ୍କୁ କ୍ରିୟାଶୀଳ ହେବାକୁ ପଡୁଥିଲା ବେଳେ ହସିବା ଦ୍ୱାରା ମାତ୍ର ୧୪ଟି ମାଂସପେଶୀ କାମ କରିଥାନ୍ତି । ହାସ୍ୟ ଯୋଗ ଦ୍ୱାରା ଶରୀର ପାଇଁ ଉପଯୋଗୀ ଅନେକ ପ୍ରକାରର ହର୍‌ମୋନ୍ କ୍ଷରଣ ହୋଇଥାଏ । ଏହା ଡାଇବେଟିସ୍, ହାଇପର ଟେନ୍‌ସନ୍ ତଥା ପିଠି ଦରଜରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଖୁବ୍ ଲାଭପ୍ରଦ ହୋଇଥାଏ । ଯଦି ଆପଣ ପ୍ରତିଦିନ ଘଣ୍ଟାଏ କାଳ ହସନ୍ତି, ତେବେ ଶରୀରରେ ପ୍ରାୟ ୪୦୦ କ୍ୟାଲୋରୀ ଶକ୍ତି ସୃଷ୍ଟି ହୋଇଥାଏ ।

ହୃଦୟ ପାଇଁ ଉପଯୋଗୀ:

ହାର୍ଟ କେୟାର ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡା. କେ.କେ.ଅଗ୍ରଓ୍ୱାଲ କହନ୍ତି ଯେ, ହସିବା ହୃଦୟପାଇଁ ଖୁବ୍ ଲାଭଦାୟକ । ହିବା ଦ୍ୱାରା ଶରୀରରୁ ଏଣ୍ଡିର୍ଫିନ ନାମକ ରାସାୟନିକ କ୍ଷରଣ ହୋଇ ହୃଦୟକୁ ମଜ୍‌ବୁତ୍ କରେ । ହୃଦ୍‌ଘାତର ସମ୍ଭାବନାକୁ କମାଇ ଦେଇଥାଏ ଖୋଲା ହସ । ତେଣୁ ଚିନ୍ତା ଛାଡି ମନଖୋଲା ଖୁବ୍ ହସିବା ଆବଶ୍ୟକ ।

ହସର ଅବସ୍ଥା:

ଚାରିପ୍ରକାର ସଚେତନ ହସର ତିନୋଟି ଅବସ୍ଥା ରହିଛି । ପ୍ରତ୍ୟେକ ଅବସ୍ଥାର ଅବଧି ୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ହୋଇଥାଏ ।

- କଡ ଲେଉଟାଇ ଗଭୀର ଶ୍ୱାସ ଗ୍ରହଣ କରନ୍ତୁ । ହାତପାପୁଲି ଏବଂ ପାଦତଳ ସହିତ ଶରୀରର ଅନ୍ୟ ଅଙ୍ଗ ଗୁଡିକୁ ସକ୍ରିୟ କରନ୍ତୁ । ପାଟି ଖୋଲି ମୁହଁର ସମସ୍ତ ମାଂସପେଶୀଙ୍କୁ କ୍ରିୟାଶୀଳ କରି ନିଜ ମୁହଁରେ ବିଚିତ୍ର ଆକୃତି ସୃଷ୍ଟି କରନ୍ତୁ ।

- କେତେ ସୁଖଦ ମୁହୂର୍ତ୍ତ ସହ ମଜା ମଜା କଥା ମନେପକାଇ ହସନ୍ତୁ । ହସିବା ସମୟରେ ଏପରି ଅନୁଭବ ହେବା ଦରକାର ଯେ ହସ ହୃଦୟ ଏବଂ ପେଟ ସହିତ ପାଦ ତଳ ପର୍ଯ୍ୟନ୍ତ ଅନୁଭୂତ ହେଉଛି । ଏହାପରେ ଚଟାଣରେ ଶୋଇ ଶରୀରକୁ ଗୋଲାକାରରେ ବୁଲାଇବା ସହ ହସ ଜାରି ରଖନ୍ତୁ ।

- ହାସ୍ୟ ଧ୍ୟାନର ଶେଷ ପର୍ଯ୍ୟାୟ ମୌନତା । ଆଖି ବନ୍ଦ କରି ଚୁପ୍‌ଚାପ୍ ନିଜ ଶ୍ୱାସକ୍ରିୟା ଉପରେ ଦୃଷ୍ଟି ରଖନ୍ତୁ ।

ହସ ଅନେକ ରୋଗର ମହୌଷଧି । ଏହା ଶାରୀରକୁ ପ୍ରାଣବନ୍ତ କରିଥାଏ । ହସ ମଧ୍ୟ ଆଖପାଖର ଅନେକଙ୍କୁ ଖୁସି ହେବା ସହିତ ଏକ ସୁସ୍ଥ ପରିବେଶ ସଂରଚନା କରେ । ତେଣୁ ବସିବା ପୂର୍ବରୁ ଚିନ୍ତା କରିବା ଆଦୌ ଉଚିତ ନୁହେଁ । ମନ ଖୋଲା ହସ ହସନ୍ତୁ ଏବଂ ସୁସ୍ଥ, ନିରାଭୟ ଜୀବନ ଉପଭୋଗ କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା...

ନକ୍ସଲ ଶବ୍ଦ ପଶ୍ଚିମବଙ୍ଗର ନକ୍ସଲବାଡ଼ି ନାମକ ଗ୍ରାମରୁ ସୃଷ୍ଟି ହୋଇଛି ଯେଉଁଠି ୧୯୬୭ରେ ନକ୍ସଲବାଡ଼ି ବିଦ୍ରୋହ ଆରମ୍ଭ ହୋଇଥିଲା । ଆଉ ସେବେଠାରୁ ଯେଉଁ ଲୋକମାନେ ସଶସ୍ତ୍ର ବିଦ୍ରୋହରେ ସମ୍ପୃକ୍ତ ରହି ଆସିଛନ୍ତି, ସେମାନଙ୍କୁ ନକ୍ସଲ କୁହାଯିବା ସହିତ ସେମାନଙ୍କର ଆନ୍ଦୋଳନକୁ ନକ୍ସଲବାଦ କୁହାଯାଇ ଆସୁଛି। ଏହି ବିଦ୍ରୋହୀମାନେ ବିଗତ ଦିନମାନଙ୍କରେ ସେମାନଙ୍କର ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଅନେକ ଜୀବନ ନେଇ ସାରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ପୁଲିସ ଓ ସେନାବାହିନୀର ଯବାନ୍‌ମାନଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ, ଏପରିକି ନିରୀହ ଜନସାଧାରଣଙ୍କ ଜୀବନ ମଧ୍ୟ ଅନ୍ତର୍ଭୁକ୍ତ । ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏମାନଙ୍କୁ ସମ୍ପୂର୍ଣ୍ଣ ନିପାତ କରିବା ପାଇଁ ଏକ ସାହସିକ ତଥା ବ୍ୟାପକ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିପାଇଁ ସେ ଆଗାମୀ ତିନି ବର୍ଷ ମଧ୍ୟରେ ନକ୍ସଲମାନଙ୍କୁ ଆର୍ଥିକ ଭାବରେ ପଙ୍ଗୁ କରି ସେମାନଙ୍କର ମୂଳୋତ୍ପାଟନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, କାରଣ ନକ୍ସଲ ବିଦ୍ରୋହ ବା ସାଧାରଣରେ ଯାହାକୁ ମାଓବାଦୀମାନଙ୍କ ବିଦ୍ରୋହ ବୋଲି କୁହାଯାଇଥାଏ, ତାହା ରାଷ୍ଟ୍ରର ଆଭ୍ୟନ୍ତରୀଣ ନିରାପତ୍ତାକୁ ବିପନ୍ନ କରିବା ସଙ୍ଗେ ସଙ୍ଗେ ବେଶ୍ କିଛି ଦଶନ୍ଧି ଧରି ଦେଶର ଅନେକଗୁଡ଼ିଏ ରାଜ୍ୟର ବିକାଶକୁ ଦଶନ୍ଧି ଦଶନ୍ଧି ଧରି ପଙ୍ଗୁ କରି ଆସିଛି । ଏହିସବୁ ରାଜ୍ୟଙ୍କ ମଧ୍ୟରେ କେତେକ ପ୍ରମୁଖ ରାଜ୍ୟ ହେଉଛନ୍ତି ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ମହାରାଷ୍ଟ୍ରର କେତେକ ଅଂଶ । ମାଓବାଦ ଆଦର୍ଶରେ ପରିଚାଳିତ ଏହି ନକ୍ସଲମାନେ ସଶସ୍ତ୍ର ସଂଗ୍ରାମ ଜରିଆରେ ଏକ ସାମ୍ୟବାଦୀ ରାଷ୍ଟ୍ର ପ୍ରତିଷ୍ଠା କରିବାର ଲକ୍ଷ୍ୟକୁ ଅନୁସରଣ କରିଥାନ୍ତି ଏବଂ ଏଥିପାଇଁ ସେମାନେ ପ୍ରାୟତଃ ରାଷ୍ଟ୍ରର ସୁରକ୍ଷା ବଳ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ଲକ୍ଷ୍ୟଭୁକ୍ତ କରିଥାନ୍ତି । ମାଓବାଦୀମାନଙ୍କର ଏହି ସଂଗ୍ରାମ ଜୀବନ ହାନି, ବିଭିନ୍ନ ସମ୍ପ୍ରଦାୟମାନଙ୍କର ବାସଚ୍ୟୁତ ହେବାଠାରୁ ଆରମ୍ଭ କରି ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରିବା ପର୍ଯ୍ୟନ୍ତ ଅନେକଗୁଡ଼ିଏ ଆହ୍ୱାନ ଉପସ୍ଥାପନ କରି ଆସିଛି ସମୟାନ୍ତରରେ। ଅନ୍ୟ ପକ୍ଷରେ, ସରକାରଙ୍କ ନିକଟରେ ଅନେକଗୁଡ଼ିଏ ମାମଲା ମଧ୍ୟ ଦାଖଲ କରାଯାଇଛି ଯେଉଁଥିରେ ନିରୀହ ଗ୍ରାମବାସୀମାନେ ନକ୍ସଲମାନଙ୍କୁ ସହାୟତା ପ୍ରଦାନ କରୁଥିବାର ଅଭିଯୋଗ ଅଣାଯାଇ ଉତ୍ପୀଡ଼ିତ କରାଯାଇଛି । ସମ୍ପ୍ରତି ନକ୍ସଲମାନଙ୍କ ନିପାତ ପାଇଁ ଗୃହମନ୍ତ୍ରୀଙ୍କ ବିବୃତି ଯଦିଓ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ତେବେ ସେ ଏହି ବ୍ୟାପକ ଯୋଜନା ସମ୍ବନ୍ଧରେ କୌଣସି ବିସ୍ତୃତ ବିବରଣୀ ପ୍ରଦାନ କରି ନାହାନ୍ତି; ଏହା ଏକ ଚତୁରତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କେବଳ ଯାହା ସୂଚନା ପ୍ରଦାନ କରିଛି, ଯାହା ହୁଏତ କିଛି ତ୍ୱରିତ ଫଳାଫଳ ପ୍ରଦାନ କରିପାରେ, କିନ୍ତୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ସମାଧାନ କରି ନପାରେ। ନକ୍ସଲମାନଙ୍କ ପରିପ୍ରେକ୍ଷୀରେ ଉପରବର୍ଣ୍ଣିତ ରାଜ୍ୟମାନଙ୍କର ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ। ଏସବୁ ରାଜ୍ୟର ବେଶ୍ କେତେକ ଅଞ୍ଚଳରେ ଫସଲ ହାନି କୃଷକମାନଙ୍କ ଆତ୍ମହତ୍ୟା ଦିଗରେ ପଥ କଢ଼ାଇ ନେଉଥିବା ବେଳେ କର୍ମନିଯୁକ୍ତି ନିମନ୍ତେ ସୁଯୋଗର ଅଭାବ ଏବଂ ଉତ୍କଟ ଦାରିଦ୍ର୍ୟ, ବିଶେଷକରି ପାହାଡ଼ିଆ ଅଞ୍ଚଳମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ଅବସ୍ଥା ପରିସ୍ଥିତିକୁ ଅଧିକ ବିଗାଡ଼ିବାରେ ଭୂମିକା ନିର୍ବାହ କରୁଛି । ନକ୍ସଲମାନେ ଆଦିବାସୀ ସମ୍ପ୍ରଦାୟମାନଙ୍କର ଦୁର୍ବଳ ସାମାଜିକ-ଅର୍ଥନୀତିକ ପରିସ୍ଥିତିର ଫାଇଦା ଉଠାଇ ସେମାନଙ୍କର ସମାନ୍ତରାଳ ଶାସନ ପ୍ରତିଷ୍ଠା କରିଥାନ୍ତି। ଏହି ଅବହେଳିତ ବର୍ଗମାନଙ୍କର ଅଭିଯୋଗଗୁଡ଼ିକୁ ନକ୍ସଲମାନେ ଚତୁରତାର ସହିତ ଶୋଷଣ କରିବାକୁ ଯାଇ ସେମାନଙ୍କର ଅଧିକାର ପାଇଁ ସଂଗ୍ରାମ କରୁଛନ୍ତି ବୋଲି ଦର୍ଶାଇବା ସହିତ ସେମାନଙ୍କୁ ନିଜ ସାଙ୍ଗରେ ସାମିଲ କରି ସୈନିକ ଭାବରେ ବ୍ୟବହାର କରିଥାନ୍ତି । ନକ୍ସଲମାନଙ୍କୁ ପ୍ରଥମେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରି ସେମାନଙ୍କର ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ଯେଉଁ ତିନିବର୍ଷିଆ ଯୋଜନା କରିଛନ୍ତି, ତାହା ଯଦିଓ ଏକ ଉତ୍ତମ ଅୟମାରମ୍ଭ, ତେବେ ଏହା ମୂଳ କାରଣଗୁଡ଼ିକୁ ବିଚାରକୁ ନେଇ ନଥିବା ମନେହୁଏ। ନକ୍ସଲବାଦକୁ ସେତିକି ବେଳେ ନିର୍ମୂଳ କରାଯାଇ ପାରିବ, ଯେତେବେଳେ ସେହିସବୁ କାରଣଗୁଡ଼ିକର ନିରାକରଣ କରାଯିବ, ଯେଉଁଗୁଡ଼ିକ ଏଥିପାଇଁ ଉର୍ବର ମୃତ୍ତିକା ପ୍ରଦାନ କରିଥାଏ। ଏଣୁ ସରକାର ଲକ୍ଷ୍ୟଭୁକ୍ତ ବିକାଶମୂଳକ ପଦକ୍ଷେପଗୁଡ଼ିକ ଜରିଆରେ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସାମାଜିକ-ଅର୍ଥନୀତିକ ଅସମାନତାଗୁଡ଼ିକୁ ଦୂର କରିବାକୁ ପ୍ରଥମେ ଆଗେଇ ଆସିବା ଏକ ଉତ୍ତମ ଉପାୟ ହେବ। ଆଉ ଏଥିପାଇଁ ଆବଶ୍ୟକ ଅବିକଶିତ ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସହିତ ଭିତ୍ତିଭୂମିରେ ଉନ୍ନତି ଘଟାଇବା ଏବଂ ମୌଳିକ ସୁବିଧାସୁଯୋଗଗୁଡ଼ିକ ପ୍ରଦାନ କରାଯାଉଥିବା ସମ୍ପର୍କରେ ସୁନିଶ୍ଚିତ କରାଇବା । ସଙ୍ଗେ ସଙ୍ଗେ ନକ୍ସଲ କ୍ୟାଡରମାନଙ୍କୁ ନିଷ୍କ୍ରିୟ କରିବା ନିମନ୍ତେ ସୁରକ୍ଷା ବଳମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବାର ଆବଶ୍ୟକତା ରହିଛି। ପାରିପାର୍ଶ୍ୱିକ କ୍ଷତିକୁ ଯଥା ସମ୍ଭବ କମ୍ କରି ତଥା ସାଧାରଣ ନାଗରିକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରି ଗୃହମନ୍ତ୍ରୀ ଗୁଇନ୍ଦା-ଆଧାରିତ କାର୍ଯ୍ୟାନୁଷ୍ଠାନଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିବା ଅବଶ୍ୟ ଏକ ଯଥାର୍ଥ ପଦକ୍ଷେପ। ନକ୍ସଲମାନଙ୍କ ଆର୍ଥିକ ଜୀବନ ରେଖାଗୁଡ଼ିକୁ ସରକାର ଛିନ୍ନ କରିବା ବାସ୍ତବରେ ବେଶ୍ ପ୍ରଭାବଶାଳୀ ହୋଇପାରେ। ନକ୍ସଲମାନେ ସାଧାରଣତଃ ଧମକ ଚମକ ଦେଇ ବିତ୍ତଶାଳୀମାନଙ୍କଠାରୁ ଅର୍ଥ ଆଦାୟ କରିବା, ବେଆଇନ ଭାବରେ ଖଣି ଖନନ କରିବା ଏବଂ ବିଭିନ୍ନ ଜିନିଷର ଚୋରା କାରବାର ଜରିଆରେ ଅର୍ଥ ଲାଭ କରିଥାନ୍ତି । ତେଣୁ ନକ୍ସଲମାନଙ୍କୁ ଦୁର୍ବଳ କରିବାକୁ ସେମାନଙ୍କର ଆର୍ଥିକ ନେଟୱାର୍କରେ ବ୍ୟାଘାତ ସୃଷ୍ଟି କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ପରନ୍ତୁ, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ରାଜନୀତିକ ଇଚ୍ଛାଶକ୍ତିର ମଧ୍ୟ ଆବଶ୍ୟକତା ରହିଛି ।

# ଆମ ସମ୍ବିଧାନ, ଆମ କଥା ଆଉ କିଛି ବାସ୍ତବତା



ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ ଆଜି ହେଉଛି ୭୫ତମ ସାଧାରଣତନ୍ତ୍ର ଦିବସ। ତୁମ୍ଭେମାନେ ଏହି ଦିବସଟିକୁ ଭଲ ଭାବେ ଜାଣିଛ ଆଉ ଆମେ ସମସ୍ତେ ଏହି ଦିନଟିକୁ ଆମ ବିଦ୍ୟାଳୟରେ ଭାବ ଗମ୍ଭୀର ଓ ବଳୀଦାନକୁ ସ୍ମରଣ ପୂର୍ବକ ପାଳନ କରିଥାଉ। ଦୀର୍ଘ ଦୁଇଶହ ବର୍ଷର ଇଂରେଜ ଶାସନର ଉତ୍ପୀଡ଼ନ ପରେ ଭାରତରେ ଉଦିତ ହେଲା ସ୍ୱାଧୀନତାର ନବୀନ ପ୍ରଭାତର ସୂର୍ଯ୍ୟ। ଶତ ଆନ୍ଦୋଳନ ଓ ଆତ୍ମ ବଳିଦାନର ପ୍ରତୀକ ଆମର ସ୍ୱାଧୀନତା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେବା ପରେ ଆମେ ଆମକୁ ଶାସନ କରିବାକୁ ଆମର ଏକ ନିଜସ୍ୱ ଖସଡ଼ା ପ୍ରସ୍ତୁତ କଲୁ। ତାକୁ ଆମ ଦେଶର ସମ୍ବିଧାନ ବୋଲି କୁହାଗଲା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଡକ୍ଟର ବି.ଆର୍.ଆମ୍ବେଦକର ଥିଲେ ଆମ ସମ୍ବିଧାନର ପ୍ରଣେତା। ଆଉ ଆଜି ୭୫ ବର୍ଷ ପରେ ଆମେ ଗର୍ବର ସହିତ କହିପାରୁଛେ ଯେ, ଆମେ ଭାରତୀୟ। ଆମ ସମ୍ବିଧାନିକ ବ୍ୟବସ୍ଥାରେ ଆମ ଅଧିକାର ଠାରୁ ଆରମ୍ଭ କରି ଦେଶ ଶାସନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟ ଉଲ୍ଲେଖ ରହିଛି। ଆବଶ୍ୟକ ସ୍ଥଳେ ଜନଗଣ ଓ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମ ସମ୍ବିଧାନରେ ଅନେକ ସଂଶୋଧନ ମଧ୍ୟ ହୋଇଛି।

ସମ୍ବିଧାନରେ ସ୍ୱାଧୀନ ଭାରତର ଜାତୀୟ ସଂଗୀତ ଭାବେ 'ଜନ ଗଣ ମନ .....କୁ ବିବେଚନା କରାଯାଇଛି। ଏହାର ମୂଳ ଲେଖା ବଙ୍ଗଳାରେ ଲେଖାଯାଇଥିଲା ଏବଂ ଏହାକୁ ନୋବେଲ ସମ୍ମାନ ବିଜେତା ରବୀନ୍ଦ୍ରନାଥ ଟାଗୋର ରଚନା କରିଥିଲେ। ୧୯୫୦ ଜାନୁଆରୀ ୨୪ ତାରିଖରେ ଏହାର ହିନ୍ଦୀ ରୂପାନ୍ତରୀକରଣକୁ ପ୍ରଥମ ସଂସଦୀୟ ଅଧିବେସନରେ ସର୍ବସମ୍ମତିକ୍ରମେ ସମର୍ଥନ କରାଯାଇ ଏହାକୁ ଜାତୀୟ ସଂଗୀତର ମାନ୍ୟତା ପ୍ରଦାନ କରାଯାଇଥିଲା। ୧୯୧୧ ଡିସେମ୍ବର ୨୭ ତାରିଖରେ କଲିକତାରେ ବସିଥିବା ଅଖିଳ ଭାରତୀୟ କଂଗ୍ରେସ ବୈଠକରେ ଏହାକୁ ପ୍ରଥମେ ଗାନ କରାଯାଇଥିଲା। ତେବେ ଏହାକୁ ଗାନ କରିବାରେ ବିଧି ରହିଛି। ୫୨ ସେକେଣ୍ଡ ମଧ୍ୟରେ ଏହାକୁ ଶେଷ କରିବାକୁ ହେବ। ଏଥିରେ ତ୍ରୁଟି ହେଲେ ଭାରତୀୟ ସମ୍ବିଧାନରେ ଦଣ୍ଡ ବ୍ୟବସ୍ଥା ମଧ୍ୟ ଉଲ୍ଲେଖ ରହିଛି।

ସମ୍ବିଧାନ ଏପରି ଏକ ଶବ୍ଦ ଯେଉଁଠି ଅନ୍ୟ ଯେକୌଣସି ଶବ୍ଦର ଗୁରୁତ୍ୱ ମଧ୍ୟ ଫିକା ପଡ଼ିଯାଇଥାଏ। ସବୁକିଛି ଉପରେ ସମ୍ବିଧାନକୁ ସ୍ଥାନ ଦିଆଯାଇଛି। ସମ୍ବିଧାନ କହିଲେ କେତେକ ଆବଶ୍ୟକୀୟ ତଥା ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ, ଯେଉଁଥିରେ ସମ୍ପୂର୍ଣ୍ଣ ଦେଶ ପରିଚାଳିତ ହୋଇଥାଏ। ଦେଶର ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ନିୟମକୁ ସେହି ଦେଶର ବ୍ୟକ୍ତିବିଶେଷଙ୍କୁ ମାନିବାକୁ ହୋଇଥାଏ। ଦେଶର ସାଧାରଣଲୋକଙ୍କ ସୁରକ୍ଷା, ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ସେଠାକାର ସମ୍ବିଧାନ ସର୍ବଦା ଯତ୍ନବାନ ରହିଥାଏ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପ୍ରକ୍ରିୟା ଏବଂ ଏହାର ୪ଟି ସ୍ତମ୍ଭ ମଧ୍ୟ ସମ୍ବିଧାନ ଅନ୍ତର୍ଗତ। ଇତିହାସ କହେ ଯେ ଯେଉଁ ଦେଶରେ ନିଜ ସମ୍ବିଧାନକୁ ଗୁରୁତ୍ୱ ଦିଆଯାଇ ଶାସନ ବ୍ୟବସ୍ଥା ପରିଚାଳିତ କରାଯାଇଛି ସେ ଦେଶ ସେତେ ବିକଶିତ, ଉନ୍ନତ ଓ ସଭ୍ୟ ରାଷ୍ଟ୍ର ଭାବେ ଖ୍ୟାତି ଲାଭ କରିଛି। ସମ୍ବିଧାନ ନଥିଲେ ଦେଶର ସବୁଆଡ଼େ ବିଶୃଙ୍ଖଳା, ଅରାଜକତା, ହିଂସା, ବିଦ୍ୱେଷ, ଦୁଷ୍କର୍ମ, ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ବ୍ୟାପିଯିବ। କେହି କହିବାକୁ ମାନିବା ତ ଦୂରର କଥା, କାହା କଥା ମଧ୍ୟ କେହି ଶୁଣିବେନି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯିବ। ଗରିବ ଆହୁରି ଗରିବ ହୋଇଯିବ ଏବଂ ଧନୀ ଆହୁରି ଧନୀ। ଦେଶ ଆଉ ଦେଶ ହୋଇ ରହିବ ନାହିଁ, ଏକ ଅପରାଧ ପୃଷ୍ଠଭୂମି ପାଲଟିଯିବ। ମାତ୍ର ସମ୍ବିଧାନ ଏସବୁକୁ ରୋକିବା ପାଇଁ ଗୋଟିଏ ମାତ୍ର ବାଟ। ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ମଣିଷର ଏ ସମାଜରେ ନିଜ ହିସାବରେ ମୁଣ୍ଡ ଟେକି ବାଟ ଚାଲିବାର ଏବଂ ବଞ୍ଚିବାର ଅଧିକାର ରହିଛି। ଏହା ମଣିଷର ଜନ୍ମସିଦ୍ଧ ଅଧିକାର ବୋଲି ସମ୍ବିଧାନ କହିଛି। ତେଣୁ ଏହାକୁ କେହି ରୋକିପାରିବେ ନାହିଁ। ଅନ୍ୟ ଅର୍ଥରେ କହିଲେ ସମ୍ବିଧାନ ବ୍ୟକ୍ତିକୁ ନିଜ ଦେଶରେ ସୁରକ୍ଷା ଦେଇଥାଏ। ଏକ ସୁସ୍ଥ ସମାଜଭିତ୍ତିକ ଦେଶରେ ଶାନ୍ତିରେ ନିଶ୍ୱାସ ପ୍ରଶ୍ୱାସ ନେବାକୁ ହେଲେ ଏକ ସୁସ୍ଥ ସମ୍ବିଧାନର ଆବଶ୍ୟକତା ରହିଛି। ତେବେ ଆମେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ ଯେ ଆମେ ଏପରି ଏକ ଦେଶରେ ନାଗରିକ ଯେଉଁ ଦେଶର ସମ୍ବିଧାନ ବିଶ୍ୱର ଏକ ଶକ୍ତିଶାଳୀ ସମ୍ବିଧାନ ଭାବେ ମାନ୍ୟତା ପାଇଛି। ପିଲାମାନେ ତୁମେ ତୁମ ଭାରତ ମାତାକୁ ତୁମେ ତୁମ ସମ୍ବିଧାନକୁ ତୁମେ ତୁମ ସମାଜକୁ ସର୍ବୋପରି ତୁମ ପିତାମାତା ଓ ତୁମ ବିଦ୍ୟାଳୟକୁ ଏହିପରି ଏକ ସ୍ମରଣୀୟ ଦିନରେ ମନେପକାଇବା ଉଚିତ।

ଦେଶରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଏକ ବିଧିବଦ୍ଧ ଆଇନ ବ୍ୟବସ୍ଥା ତଥା ସମ୍ବିଧାନର ଆବଶ୍ୟକତା ରହିଛି ବୋଲି ମାନବେନ୍ଦ୍ରନାଥ ରୟ ସର୍ବ ପ୍ରଥମେ ଚିନ୍ତା କରିଥିଲେ। ୧୮୮୭ରେ କଲିକତାର ଆରବେଲିଆ ଅଞ୍ଚଳର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ମାନବେନ୍ଦ୍ରନାଥ ପ୍ରଥମେ କମ୍ୟୁନିଷ୍ଟ ଚିନ୍ତାଧାରାରେ ବିଶ୍ୱାସ ରଖୁଥିଲେ। ପରେ ସେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଲେଖାରେ ପ୍ରଭାବିତ ହୋଇଥିଲେ। ଦେଶରେ କିପରି ଏକ ସୁଶାସନ ବ୍ୟବସ୍ଥା ପ୍ରଚଳନ କରାଯିବ ସେ ନେଇ ଦିନ ରାତି ଭାବିବାକୁ ଲାଗିଲେ। ପରେ ଏହାକୁ ଏକ ଲିଖିତ ତଥା ଚରିତାର୍ଥ ରୂପ ଦେଇଥିଲେ ବି.ଆର. ଆମ୍ବେଦକର। ସେତେବେଳେ ଦେଶର ଜଣେ ଆଇନ ବିଶାରଦ ତଥା ଜଣେ ପ୍ରମୁଖ ଚିନ୍ତାଶୀଳ ବ୍ୟକ୍ତି ଭାବେ ବି.ଆର.ଆମ୍ବେଦକରଙ୍କ ଖ୍ୟାତି ଦେଶ ତଥା ଦେଶ ବାହାରେ ରହିଥିଲା। ୧୮୫୭ରୁ ୧୯୪୭ ପର୍ଯ୍ୟନ୍ତ ଦେଶରେ ଚାଲିଥିବା ବ୍ରିଟିଶ ଶାସନ ଅମଳରେ ଯେଉଁ ଯେଉଁ ନିୟମରେ ଦେଶ ପରିଚାଳିତ ହେଉଥିଲା ଏସବୁକୁ ଆମ୍ବେଦକର ନିଜ ରଚିତ ସମ୍ବିଧାନରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ଯୁକ୍ତ ରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡ଼ା, ସୋଭିଏତ ୟୁନିଅନ ଆଦି ଦେଶର ନିୟମକୁ ମଧ୍ୟ ଭାରତୀୟ ସମ୍ବିଧାନରେ ସେ ପ୍ରଣୟନ କଲେ। ୧୯୪୯, ନଭେମ୍ବର ୨୬ ତାରିଖରେ ଏହାକୁ ସ୍ୱାଧୀନ ଭାରତର ସଂସଦରେ ଉପସ୍ଥାପନ କରାଯାଇଥିଲା। ଆଜିର ଦିନରେ ଭାରତର ସମ୍ବିଧାନ ବିଶ୍ୱର ସର୍ବଦୀର୍ଘ, ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ସମ୍ବିଧାନର ମାନ୍ୟତା ପାଇଛି। ୧୯୫୦ ଜାନୁଆରୀ ୨୬ ତାରିଖରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏଥିରେ ଦସ୍ତଖତ କରି ଏହାକୁ ଗୃହୀତ କରିଥିଲେ।

ପିଲାମାନେ ସାଧାରଣତନ୍ତ୍ର ଦିବସକୁ କେବଳ ବିଦ୍ୟାଳୟରେ ପାଳନ କରାଯାଉଥିବା ଏକ ଦିନଟିଏ ବୋଲି ଭାବିବ ନାହିଁ। ଏହି ଦିନର ଗୁରୁତ୍ୱ ଅତ୍ୟନ୍ତ ସ୍ମରଣୀୟ। ସମାଜ ପ୍ରତି ତୁମର ଉତ୍ତରଦାୟିତ୍ୱ ରହିଛି। ତୁମ ପିତାମାତାଙ୍କ ପ୍ରତି ତୁମର କର୍ତ୍ତବ୍ୟ ରହିଛି, ତୁମ ବିଦ୍ୟାଳୟ ପ୍ରତି ତୁମର ଦାୟିତ୍ୱ ମଧ୍ୟ ରହିଛି। ଯେଉଁ ସମାଜ ତୁମକୁ ସବୁକିଛି ଶିକ୍ଷା ଦେଇଛି ସେ ସମାଜ ପ୍ରତି ତୁମର ଯେଉଁ ଦାୟିତ୍ୱବୋଧ ତାହାକୁ ତୁମେ କେବେ ଭୁଲିବ ନାହିଁ। ସମାଜ ପ୍ରତି ସମର୍ପଣ, ସମସ୍ତଙ୍କ ପ୍ରତି ଭଲ ପାଇବା ଓ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଏହି ପାଞ୍ଚଟି ମାନବୀୟ ଚେତନାକୁ ନିଜ ଭିତରେ ରଖି ସମାଜ ଓ ଦେଶ ପାଇଁ କିଛି କରିବାକୁ ଭାବନା ରଖିଲେ ଏହା ତୁମର ସାଧାରଣତନ୍ତ୍ର ଦିବସରେ ଏ ଦେଶ ପାଇଁ, ଏ ସମାଜ ପାଇଁ, ଏ ସମ୍ବିଧାନ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ ହେବ ଏହାକୁ ହୃଦୟଙ୍ଗମ କରିବା ଆଜିର ଦିବସର ଅନୁଚିନ୍ତା ହେଉ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଭବିଷ୍ୟତ ଭାରତର ବିଦେଶନୀତି



ସୌମେନ୍ଦ୍ର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସେଥିପାଇଁ ଜି ୨୦ର ସମ୍ମିଳନୀ ଭାରତରେ ଆୟୋଜନ କାଳରେ ପ୍ରାୟ ୧ଲକ୍ଷ ବିଦେଶୀ ପ୍ରତିନିଧି ଭାରତକୁ ଦର୍ଶନ କରିଛନ୍ତି । ସେମାନେ ଭାରତର ଭିନ୍ନ ଭିନ୍ନ ପ୍ରଦେଶକୁ ଯାତ୍ରା କରି ଭାଷା, ଖାଦ୍ୟ, ଚଳଣି, ସଂସ୍କୃତି କ୍ଷେତ୍ରରେ ରହିଥିବା ବିବିଧତାକୁ ଦର୍ଶନ କରିପାରିଛନ୍ତି। ଏହି ସମୟରେ ଆଫ୍ରିକୀୟ ସଂଘକୁ ଜି ୨୦ର ସଦସ୍ୟତା ଦେବା, ଜାତିସଂଘରେ ପୃଥିବୀର ଦକ୍ଷିଣ ବିଶ୍ୱ ଉପରେ ଜୋରଦେବା ପରି ଉଦ୍ୟମ ଭାରତ ପକ୍ଷରୁ କରାଯାଇଛି । ଠିକ୍ ସେହି ସମୟରେ ମଧ୍ୟପ୍ରାଚ୍ୟର ଅସ୍ଥିରତା ମଧ୍ୟରେ ଭାରତ ଅନେକ ପ୍ରକାର ସହଯୋଗ ଓ ପ୍ରକଳ୍ପକୁ ଆଣି ଆଗାମୀ ବିଶ୍ୱପାଇଁ ବିକାଶର ସ୍ୱପ୍ନକୁ ସାକାର କରିଛି । ଭାରତ-ମଧ୍ୟପ୍ରାଚ୍ୟ-ଇସ୍ରାଏଲ ମଧ୍ୟରେ ସଡକ-ରେଳପଥ ସଂପର୍କ ଯୋଜନା ଏହାର ପ୍ରମାଣ । ସଂଘର୍ଷରତ ଇସଲାମିକ ରାଷ୍ଟ୍ରଗୁଡିକ ସହ ଭଲସଂପର୍କ ରକ୍ଷାକରି ଉତ୍ତେଜନା ହ୍ରାସ କରିବା, ଶକ୍ତି ସଙ୍କଟକୁ ଦୂର କରିବା ଏବଂ ୟୁରୋପକୁ ବାଟ ଫିଟାଇବାକୁ ଇରାନ, ଆର୍ମେନିଆ ଦେଇ ଉତ୍ତର- ଦକ୍ଷିଣ ପରିବହନ ମାର୍ଗ ପ୍ରସ୍ତୁତି, ଛବହର ବନ୍ଦର ନିର୍ମାଣ ଆଦି ତାର ପ୍ରମାଣ । ପୂର୍ବଏସିଆ ସହ ସଂପର୍କକୁ ସୁଦୃଢ କରିବାକୁ ସଡକପଥ ଯୋଜନା ପଡୋଶୀ ରାଷ୍ଟ୍ରଗୁଡିକରେ ସ୍ଥିରତା ରକ୍ଷା ପାଇଁ ସାହାଯ୍ୟ, ଦକ୍ଷିଣ ଆମେରିକାର ରାଷ୍ଟ୍ରଗୁଡିକରେ ଆର୍ଥିକ ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧିପାଇଁ ଲକ୍ଷ୍ୟ ରଖାଯାଇଛି । ଗୋଟିଏ ପଟେ ବ୍ରାଜିଲ, ଅନ୍ୟପଟେ ଆର୍ଜେଣ୍ଟିନା, ଭେନେଜୁଏଲା ଏବଂ ଗୁଏନା ସହ ଖଣିଜସଂପଦ, ତୈଳପାଇଁ ବୁଝାମଣା ଜାରି ରହିଛି ।

ଅମୃତକାଳରେ ଭାରତପାଇଁ ଚୀନ-ପାକିସ୍ତାନ-ତୁର୍କୀ-ଆଜରବୈଜାନ ମେଣ୍ଟ ସଙ୍କଟସୃଷ୍ଟି କରିବାକୁ ପ୍ରୟାସ କରିବେ ନିଶ୍ଚୟ । ସେଥିପାଇଁ ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି ପାଇଁ ସହଜ ଋଣ ପ୍ରଦାନ କରାଯାଇଛି । ଶ୍ରୀଲଙ୍କା, ବଙ୍ଗଳାଦେଶ, ଭୁଟାନକୁ ଚୀନ ପ୍ରଭାବରୁ ସମ୍ଭବତଃ ଦୂରରେ ରଖିବାଲାଗି ଆର୍ଥିକ ଏବଂ ବୈଦେଶିକ ସହାୟତା ପ୍ରଦାନ ଜାରି ରହିଛି । ସଂଘର୍ଷଶୀଳ ମଧ୍ୟପ୍ରାଚ୍ୟର ଦୁଇଶତ୍ରୁ ଇରାନ ଏବଂ ଇସ୍ରାଏଲରେ ବନ୍ଦର ଏବଂ ବନ୍ଧୁତାକୁ ଭାରତ ସୁଦୃଢ କରୁଛି ଏବଂ ଆଗାମୀ ଦିନରେ ଅଧିକ କରିବ । ଅଷ୍ଟ୍ରେଲିଆ ସମେତ ୟୁରୋପର ରାଷ୍ଟ୍ର, ମଧ୍ୟଏସିଆର ରାଷ୍ଟ୍ରଗୁଡିକ ସହ ଉତ୍ତମ ସଂପର୍କ ରଖିବାକୁ ଭାରତ ପ୍ରୟାସ କରୁଛି । ଭାରତର ସକ୍ରିୟ, ସଜାଗ ଏବଂ ରକ୍ଷାତ୍ମକ ବିଦେଶନୀତି ଯୋଗୁ ପୃଥିବୀରେ ଆମେରିକାର ବିଦେଶ ସଚିବ ଆଣ୍ଟୋନୀ ବ୍ଲିଙ୍କେନଙ୍କ ପରେ ଭାରତର ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଦ୍ୱିତୀୟ ଶକ୍ତିଶାଳୀ ବିଦେଶ ନୀତିକାରର ସମ୍ମାନ ପାଉଛନ୍ତି । ଏପରିକି ପୂର୍ବେ ଯେଉଁଠି ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟଦେଶର ରାଷ୍ଟ୍ରମୁଖ୍ୟ ସାକ୍ଷାତ କରୁଥିଲେ ଏବେ ଜୟଶଙ୍କରଙ୍କ କ୍ଷେତ୍ରରେ ତାର ପରିବର୍ତ୍ତନ ଦେଖାଦେଇଛି । ଜାତିସଂଘରେ ମହାଶକ୍ତିଙ୍କ ଚୌଧୁରୀ ମନୋଭାବ, ପାଞ୍ଚ ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ ଅନେକଙ୍କ ଅର୍ଥନୀତିର ଦୁର୍ବଳସ୍ଥିତିକୁ ଜୟଶଙ୍କର କଠୋର ସମାଲୋଚନା କରି ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ସୁଦୃଢ କରିଛନ୍ତି । କ୍ୱାଡଠାରୁ ବ୍ରିକ୍ସ ପର୍ଯ୍ୟନ୍ତ, ଏସ୍‌ସିଓଠାରୁ ଆସିଆନ୍ ଯାଏଁ ସବୁ ବିଶ୍ୱ ମଞ୍ଚରେ ଭାରତ ନିଜକୁ ସକ୍ରୀୟ ରଖିଛି । ଅତୀତରେ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ କ୍ଷତି ପହଞ୍ଚାଉଥିବା ଶକ୍ତି ଏବଂ ସନ୍ତ୍ରାସବାଦୀ ବିଦେଶରେ ଲୁଚି ରହୁଥିଲେ । ଏବେ ସେମାନଙ୍କୁ ଖୋଜି ଖୋଜି ନିପାତ କରାଯାଉଛି । ସନ୍ତ୍ରାସବାଦୀଙ୍କୁ ନିପାତ କରିବା ପାଇଁ ପାକ୍ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ତାର ପ୍ରମାଣ । ଏପରିକି ବର୍ମା ଓ ପାକ୍‌ର ସୀମା ମଧ୍ୟରେ ରହିଥିବା ସନ୍ତ୍ରାସବାଦୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଉଛି । ଭାରତ ବିରୋଧୀ ଗୋଷ୍ଠୀ ଏବଂ ଦେଶକୁ ଭାରତ କଡା ଭାଷାରେ ବିଶ୍ୱମଞ୍ଚରେ ସମାଲୋଚନା କରି ସେମାନଙ୍କ ମୁଖା ଖୋଲିବାରେ ଲାଗିଛି । ସେମାନଙ୍କ ଦୋମୁହାଁ ନୀତିର ବିରୋଧ କରୁଛି । ଗୋଟିଏ ପଟେ ରୁଷିଆ ସହ ପୁରୁଣା ସଂପର୍କକୁ କାଏମ୍ ରଖିବାକୁ ଉଦ୍ୟମ କରାଯାଉଥିବା ବେଳେ ଅନ୍ୟପଟେ ଆମେରିକା ସହ ସଂପର୍କକୁ ସୁଦୃଢ କରାଯାଉଛି । ଆବଶ୍ୟକ ପ୍ରତିରକ୍ଷା ସାମଗ୍ରୀ, ଯାତ୍ରୀବାହୀ ଯୁଦ୍ଧବିମାନ ଜ୍ଞାନକୌଶଳ ସଂଗ୍ରହ, ମିଳିତ ଉତ୍ପାଦନ ଛଡା ଦୁଇଦେଶ ଅନେକ ବୁଝାମଣାରେ ସାମିଲ ହୋଇଛନ୍ତି । ଜାପାନ, ଦକ୍ଷିଣକୋରିଆ ସହ ପାରମ୍ପରିକ ସଂପର୍କକୁ ସୁଦୃଢ କଲାବେଳେ ପଲିନେସିଆର ଛୋଟ ରାଷ୍ଟ୍ରଗୁଡିକ ସହ ମଧ୍ୟ ସଂପର୍କକୁ ସୁଦୃଢ କରାଯାଉଛି । ସାଂସ୍କୃତିକ ଶୈକ୍ଷିକ, ସ୍ୱାସ୍ଥ୍ୟସେବା ସହଯୋଗ, ଯୋଗାଯୋଗ ବୃଦ୍ଧିରେ ସହାୟତା ପରି ଅନେକ ପଦକ୍ଷେପ ଭାରତ ନେଉଛି । ନର୍ଡିକ୍ ରାଷ୍ଟ୍ରଗୁଡିକ ସହ ଗୁଣାତ୍ମକ ସେବା ପ୍ରଦାନ ଏବଂ ଜୀବନଧାରଣର ମାନବୃଦ୍ଧି, ସାମୁଦ୍ରିକ ଗବେଷଣାରେ ସହଯୋଗ ଉପରେ ନଜର ଦିଆଯାଇଛି ।

ଅମୃତକାଳରେ ଭାରତର ବୈଦେଶିକ ନୀତି ଅଧିକ ସୁଦୃଢ, ସକ୍ରୀୟ ଏବଂ ଫଳପ୍ରଦାନକାରୀ ହେବ ଏଥିରେ ସନ୍ଦେହ ନାହିଁ । ଜନସଂଖ୍ୟା ଏବଂ ଗଣତନ୍ତ୍ରରେ ବୃହତ ରାଷ୍ଟ୍ର ହେବା ସହ ଅନ୍ୟାନ୍ୟ କ୍ଷେତ୍ରରେ ଭାରତକୁ ଅଗ୍ରଣୀ କରିବାକୁ ବିଦେଶରେ ଥିବା ଭାରତୀୟମାନେ ସର୍ବାଧିକ ଅର୍ଥ ପ୍ରଦାନକାରୀ ହେଉଛନ୍ତି । ସେମାନେ ବିଦେଶରେ ଭାରତୀୟ ସଂସ୍କୃତି, ଶିକ୍ଷା ଏବଂ ମୂଲ୍ୟବୋଧର ପ୍ରତିନିଧିତ୍ୱ କରୁଛନ୍ତି । ଅମୃତକାଳରେ ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧିରେ ବିଦେଶନୀତିର ବଡ ଭୂମିକା ରହିବ । ଭାରତ ଏବଂ ଭାରତୀୟମାନଙ୍କର ସୁରକ୍ଷା, ସମ୍ମାନ ଓ ସମୃଦ୍ଧିପାଇଁ ଭାରତର ବିଦେଶନୀତି ଅଧିକ ସକ୍ରିୟଭାବେ କାର୍ଯ୍ୟ କରିବ । ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନର ସଫଳ ବିଦେଶନୀତି ତାଙ୍କୁ ବାରମ୍ବାର ବିଶ୍ୱର ସର୍ବଶ୍ରେଷ୍ଠ ରାଜନେତାର ସମ୍ମାନ ଦେଲାପରି ଆଗାମୀ ଦିନରେ ମଧ୍ୟ ଅନେକ କ୍ଷେତ୍ରରେ ପ୍ରାଧାନ୍ୟଲାଭ କରିବେ ଏଥିରେ ସନ୍ଦେହ ନାହିଁ । (ସମାପ୍ତ)

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩






## କୋହୋଲା ପାଗରେ..

ରାହାସ କୁମାର ବେହେରା

ଶୀତୁଆ ସନ୍ଧ୍ୟାରେ
କୋହୋଲା ପାଗରେ
ବେସୁରା ମନର କଥା,
କାହାକୁ କହିବି
କିଏସେ ବୁଝିବ
ଦେଉଛି କେତେଯେ ବ୍ୟଥା ।

ଅଦିନେ ବରଷା
ଭିଜେଇ ଦେଇଛି
ସୁଖକୁ କରୁଛି ଚୋରି,
ହଜେଇ ଦେଇଛି
ଗୋପନ ବାରତା
ଶୂନ୍ୟ କରି ସୁଖ ଶିରି ।

ଏମିତି ଜୀବନେ
ପାନ୍ଥଶାଳା ଆଡେ
ଚନ୍ଦ୍ରମାତ ଆସେ ନାହିଁ,
ଏକାକୀ ପଥିକ
ଗୋଲକ ଧନ୍ଦାରେ
ଆକାଶକୁ ରହେ ଚାହିଁ ।

ଦୁସ୍ଥ ପରିବେଶେ
ବଞ୍ଚୁଛି ମଣିଷ
ଦୁଃଖ ଗ୍ଲାନି ଯାଏ କହି,
ଜୀର୍ଣ୍ଣ ଶୀର୍ଣ୍ଣ ଦେହେ
ବିକଳ ନୟନେ
ଢାଳେ ଲୁହ ରହି ରହି ।

ପ୍ରତି କ୍ଷଣେ ପ୍ରେମ
ଅବୁଝା ଅସୁଝା
ଛଳନାରେ ଯାଏ ଗଡ଼ି,
ନେପଥ୍ୟରେ ଭାଗ୍ୟ
କୋହରା କୋହରେ
ରହିଛି ବାହାରେ ପଡି।

କେତେ ନିଃସହାୟ
ବୀରହି ମଣିଷ
ପ୍ରକୃତି ସାଜିଲେ ଦାଉ,
ପ୍ରୀତି ପ୍ରିୟା ବିନା
ଚିତ୍ତଭ୍ରମ ହୁଏ
ଦୁଃଖ ଆସେ ଚାହୁଁ ଚାହୁଁ ।

କଣ୍ଠ ସ୍ୱର ଲାଗେ
ଘସରା ବେସୁରା
ଥଙ୍ଗ ଥଙ୍ଗ ଅବୟବ,
ଆସରା ଖୋଜୁଛି
ଉଷୁମ ମନର
ପାଗ କି ବଦଳି ଯିବ !

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୯୧୫
ମୋ : ୯୪୩୮୧୧୪୩୬୮

## ଅଦୃଶ୍ୟ ବେଦନା

ସିଦ୍ଧେଶ୍ୱର ତ୍ରିପାଠୀ



ଆଉଥରେ କେବେ ତୁମକୁ ଦେଖିବା
ମୋ ପାଇଁ ସାତ ସପନ
ଯଦି କେବେତୁମେ ଭେଟ ହୋଇଯିବ
କୁହୁଳି ଉଠିବ ମନ ।

ଆଖିର ଲୁହକୁ ତୁମରି ଆଗରେ
ପାରିବିନି ଅଟକାଇ
ସେଥି ପାଇଁ ଭାବେ ତୁମରି ପାଖରେ
କେବେ ନପଡୁ ମୋ ଛାଇ ।

ଆଉକି ଫେରିବ ମଧୁ ବସନ୍ତର
ମହକ ଭରାସେ ଦିନ
ଆଉଥରେ କେବେ ତୁମକୁ ଦେଖିବା
ମୋ ପାଇଁ ସାତ ସପନ ।

କହି ପାରିବିନି ଖୋଜୁଛି ବୋଲି ମୁଁ
ରହି ପାରିବିନି ଦୁରେ
କାଢି ପାରିବିନି ତୁମକୁ ଛାତିରୁ
ଥିବାଯାଏ ଜୀବନରେ ।

ସେବେଠୁ ଜାଣିନି ନୂଆ ଠିକଣାରେ
କେମିତି ଅଛ ଗୋ ଜହ୍ନ
ଆଉଥରେ କେବେ ତୁମକୁ ଦେଖିବା
ମୋ ପାଇଁ ସାତ ସପନ ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦



## ଶୀତ ଚାଲିଗଲା ପରେ...

ସଦାଶିବ ବିଶ୍ୱାଳ

ଶୀତର ଯିବା ଯିବା ବେଳ
ଯିବ ଯିବ ହେଲାଣି
ଜଗାର ଘୋଡଲଗା ନୀତି ସମାପ୍ତ
ଋତୁଚକ୍ରର କଡ଼ ଲେଉଟାଣି

ଉତ୍ତର ଦିଶାରୁ ପବନ ବହୁନି ଆଉ
ଦିଗ ବଦଳାଇ ଦେଲାଣି
କାଲୁଆ ବାଆ ବହିବା ଛାଡ଼ିଛି
ପ୍ରଭାତେ କୁହୁଡିର ଆସ୍ତରଣ ବଢ଼ିଲାଣି

ଶୀତ ବସ୍ତ୍ର ସବୁ ସଫାହୋଇ ଶୁଖି
ଚଉତା ଅପେକ୍ଷାରେ ରହିଲେଣି
ଦେହର ଗନ୍ଧରୁ ନିସ୍ତାର ମିଳିବ ଭାବି
ମନେ ମନେ ଖୁସି କେବେଠୁ
ହେଲେଣି

ସବୁ ଫୁଲ ଟଗର ସମେତ
ମୁହଁ ଫୁଲା ଛାଡିଲେଣି
ଖିଲି ଖିଲି ହସିବାକୁ
ବସନ୍ତର ଆସିବାକୁ ଅନେଇ
ବସିଲେଣି

ପତ୍ନୀର ମନ ଖୁସି ଆଉ ନାହିଁ
ଭାବି, ଆସୁଥିବା କର୍ମର ସାରଣୀ
ପତିର ଚଉଡା ବୁକୁରେ ମୁହଁ ଗୋଞ୍ଜି
ପଡିରହିବାର ସ୍ୱପ୍ନ ଭାଙ୍ଗିବାକୁ
ବସିଲାଣି

ପରିବର୍ତ୍ତନରେ ପ୍ରିୟା ଏବେଠୁ
ରଙ୍ଗୀନ ସ୍ୱପ୍ନରେ ହଜିଗଲାଣି
ରଖି ଭାଲେଣ୍ଟାଇନ ଦିନର ଆବେଗ
ହାତରେ ରଙ୍ଗଧରି ହୋଲି ଖେଳିବାକୁ
ପାଦଟେକି ବସିଲାଣି ।

କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦




# ଦୂରନ୍ତ ଶିଖା

ଭାଗ-୨



**ସିନ୍ଧୁ ସେନ୍**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶୈଶବ କାଳରେ ଯାହା ଜୀବନକୁ ପ୍ରଭାବିତ କରେ, ତାହାହିଁ ଭବିଷ୍ୟତକୁ ଗଢ଼ି ତୋଳେ । ମୋ ଜୀବନରେ ତେଣୁ ଯାହା ଘଟିଯାଇଚି ତାହା ହେବା ସ୍ୱାଭାବିକ । ଅଜା ଗହୁଁଥିଲେ ମୁଁ ରାକ୍ଷସ ବଂଶର ମର୍ଯ୍ୟାଦା ରକ୍ଷା କରେ । ଆର୍ଯ୍ୟ ସଂସ୍କୃତିରୁ ଦୂରେଇ ରହି ରାକ୍ଷସ କୁଳକୁ ବଳଶାଳୀ କରେ । ତେଣୁ ମୁଁ ତାହାହିଁ କରିଥିଲି । ଏଥିରେ ତେଣୁ ମୋର ବା ଦୋଷ ରହିଲା କେଉଁଠି ? ମୁଁ ଯାହା କିଛି କରିଥିଲି, ସେଥିରେ ମୋର କିଛି ସ୍ୱାର୍ଥ ନଥିଲା, ବରଂ ରାକ୍ଷସ ଧର୍ମ, ରାକ୍ଷସ ସଂସ୍କୃତିର ସୁରକ୍ଷା ପାଇଁ ମୁଁ ତମାମ୍ ଜୀବନ ଆପ୍ରାଣ ଉଦ୍ୟମ କରିଥିଲି ।

ତତ୍କାଳୀନ ସମାଜରେ ଆର୍ଯ୍ୟ ସଂସ୍କୃତିର ପ୍ରାଧାନ୍ୟ ଥିଲା । ରାକ୍ଷସ ସଂସ୍କୃତିକୁ ହୀନ ଦୃଷ୍ଟିରେ ଦେଖା ଯାଉଥିଲା । ତେଣୁ ଆମେ ରାକ୍ଷସକୁଳ ଗହୁଁଥିଲୁ, ଆମ ସଂସ୍କୃତିକୁ ସର୍ବଶ୍ରେଷ୍ଠ ମାନ୍ୟତା ଦେବୁ, ଆମ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବୁ । ତେଣୁ ମୋର ଲକ୍ଷ୍ୟ ଥିଲା, ଆର୍ଯ୍ୟ ସଂସ୍କୃତି କବଳରୁ ରାକ୍ଷସ ସଂସ୍କୃତି ବଞ୍ଚାଇ ରଖିବି । ଆଉ ତାର ସୁରକ୍ଷା ଦେଇ ସର୍ବଶ୍ରେଷ୍ଠ ସଂସ୍କୃତି ଭାବେ ମାନ୍ୟତା ଦେଇପାରିବି । ଆଉ ଏସବୁ କରି ମୁଁ ଯଦି କିଛି ଭୁଲି କରିଥାଏ, ତେବେ ମୁଁ ନାଚର ।

ମୁଁ ତ ଦେବତା ହୋଇ ଜନ୍ମ ନେଇ ନଥିଲି । ମୁଁ ଥିଲି ଜଣେ ମଣିଷ, ରକ୍ତ, ମାଂସ, ଅସ୍ଥିରେ ଗଢ଼ା ମୋ ଶରୀର । ମଣିଷର ଭଲ, ମନ୍ଦ, ଦୋଷ, ଦୁର୍ବଳତା ସବୁକୁ ନେଇ ମୋର ଏହି ମାଟିର ପିଣ୍ଡଟି ଗଢ଼ା । ତେଣୁ ମୁଁ ବା କିପରି ମୋର ସହଜାତ ପ୍ରବୃତ୍ତିକୁ ଛାଡ଼ି ପାରିଥାନ୍ତି ।

ବିଶାଳ ବପୁ ଧାରର କରି ମୋ ମନରେ ଶକ୍ତିଶାଳୀ ହେବାର ଅହଂକାର ଥିଲା । କ୍ଷମତାରେ ପାଲଟି ଯାଇଥିଲି ଅନ୍ଧ । ଖାଲି କ୍ଷମତାରେ ନୁହେଁ, କାମନା, ବାସନାରେ ମଧ୍ୟ ମୋତେ ମୋହଗ୍ରସ୍ତ କରିଥିଲା । ଭଲମନ୍ଦ, ପାପପୁଣ୍ୟ ଭିତରେ ପ୍ରଭେଦ ବୁଝିବା ଶକ୍ତି ମୋ ଭିତରେ ନଥିଲା । ମୋତେ ଅନେକେ ସମାଲୋଚନା କରିଛନ୍ତି । ମୋ ଚରିତ୍ରକୁ ବଦଳାଇ ଦେବାପାଇଁ ଉପଦେଶ ଦେଇଛନ୍ତି । ମୋ ପରିବାରର ଲୋକେ ମୋ ପ୍ରତି କଟୂ ସମାଲୋଚାନ କରି ବଦଳିଯିବାକୁ ଆଦେଶ ଦେଇଛନ୍ତି । ଏପରିକି ମୋର ପ୍ରାଣପ୍ରିୟା ପତ୍ନୀ ମଧ୍ୟ ମୋର ଅନ୍ୟାୟ କାର୍ଯ୍ୟ କଳାପର ପ୍ରତିବାଦ କରିଛନ୍ତି । କିନ୍ତୁ ମୁଁ କାହାରି କଥା ଶୁଣିନାହିଁ।

ଏତକ ମଧ୍ୟ ସ୍ୱୀକାର କରୁଛି । ସାରା ବିଶ୍ୱକୁ ନଷ୍ଟଭ୍ରଷ୍ଟ କରିଦେଲି। ରାକ୍ଷସ କୁଳ ପାଇଁ ତ କେବଳ କଳଙ୍କ ନଥିଲି । ସମଗ୍ର ଲଙ୍କାଗଡ଼ ପାଇଁ ମୁଁ ହିଁ ଥିଲି ଅଶୁଭ ଶକୁନ । ମାଟିର ସବୁଜିମାକୁ ଜାଳିପୋଡ଼ି ଧ୍ୱଂସ କରି ଦେଇଥିଲି । ଯେଉଁ ଲଙ୍କାକୁ ଦିନେ ସ୍ୱର୍ଣ୍ଣପୁରୀ ଭାବେ ଗଢ଼ି ତୋଳିଥିଲି ସେହି ଲଙ୍କା ଭୂଇଁରେ କୁଢ଼କୁଢ଼ ପାଉଁଶ ଗଦା ସୃଷ୍ଟି କରି ଦେଇଥିଲି । ଜୀବନର ଅନ୍ତିମ ମୁହୂର୍ତ୍ତରେ ଲଙ୍କାକୁ ଶ୍ମଶାନ ଭୂଇଁରେ ରୂପାନ୍ତରିତ କରି ଦେଇଥିଲି। ଲଙ୍କାର ଘରିଆଡ଼େ କେବଳ କୁଢ଼କୁଢ଼ ଶବ ଆଉ ଶବ । ନିଆଁର ଲେଲିହାନ ଶିଖା ଜିହ୍ୱା ବିସ୍ତାର କରି ସମସ୍ତଙ୍କୁ ଘଟି ଦେଇଛି । ସବୁଠି କେବଳ ନିଆଁ ଆଉ ନିଆଁ । କିନ୍ତୁ ଏ ଜଳାଇବାରେ ମୋତେ କ'ଣ ମିଳିଛି । ମୁଁ ଖାଲି ଅନ୍ୟକୁ ଜଳାଇ ନାହିଁ ନିଜେ ମଧ୍ୟ ଜଳିଚି । ସାରା ଜୀବନ କେବଳ ଗର୍ବ, ଦର୍ପ, ଅହଂ, କାମନା, ବାସନାରେ ତିଳତିଳ କରି ଜଳିଛି । ଏ ଜ୍ୱଳନରୁ କ'ଣ ମୁଁ ଶାନ୍ତି ପାଇଛି । ନା ଜୀବନର ମଧୁଟିକକର ସ୍ୱାଦ ବାରି ପାରିଛି ।

ଆଶା ଥିଲା ଚିରଞ୍ଜିବୀ ହୋଇ ବଞ୍ଚିରହିବି ଅମରତ୍ୱ ପାଇବା ଲୋଭରେ କଠିନ ତପସ୍ୟା ମଧ୍ୟ କରିଥିଲି । ବହୁ କଷ୍ଟ ସ୍ୱୀକାର କରି ବର ଅବଶ୍ୟ ପାଇଥିଲି । ମାତ୍ର ତାହା ସଂପୂର୍ଣ୍ଣ ନଥିଲା । ଅସଂପୂର୍ଣ୍ଣ କାରଣ ଏ ମର୍ତ୍ତ୍ୟରେ ମଣିଷ ଦେହ ଧାରଣ କରି କେହି କେବେ ଅମରତ୍ୱ ଲାଭ କରିନି କି କରିବନି । ମୋର ତେଣୁ ଅମରତ୍ୱ ଆଶାୟୀ ହେବା ଏକ ବିରାଟ ଭୁଲ୍ ଥିଲା ।

ଅସମ୍ଭବ ଥିଲା ମୋର ଅମର ହେବା । ମାତ୍ର ଏତିକି କହିବି ଦୀର୍ଘଦିନ ମୁଁ ବଞ୍ଚି ରହିଥିଲି । ଆଜି କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ବେଶ୍ ବୁଝିପାରୁଛି ସେ ଭଳି ବଞ୍ଚିବାର ମୂଲ୍ୟ କ'ଣ ? ବରଂ ତାହା ମରିବା ସହ ସମାନ । ତେଣୁ ମୁଁ କହିବି ମୁଁ ବଞ୍ଚି କରି ମଧ୍ୟ ତିଳତିଳ ମରିବାର ଯନ୍ତ୍ରଣା ପାଇଛି । ବଞ୍ଚିବାର ସ୍ୱାଦୁ କେବେ ଘଖିପାରିନି ।

ଏବେ କିନ୍ତୁ ରାମ ବାଣରେ ମୁଁ ଆହତ, ରକ୍ତାକ୍ତ, କ୍ଷତବିକ୍ଷତ । ଏହି କ୍ଷତାକ୍ତ ଅବସ୍ଥାରେ ମଧ୍ୟ ମୁଁ ଅନୁଭବ କରିପାରୁଛି ଜୀବନର ସେଇ ମହାଆନନ୍ଦଟିକୁ ଯାହା ମୋତେ ପୂର୍ବରୁ କେବେ ମିଳି ନଥିଲା। ପ୍ରଭୁ ଶ୍ରୀରାମ ମୋ ଉପରକୁ କେବଳ ବ୍ରହ୍ମଶର ପ୍ରୟୋଗ କରିନାହାଁନ୍ତି ମୋର ଜ୍ଞାନଚକ୍ଷୁ ଖୋଲି ଦେଇଛନ୍ତି । ମୁଁ ପ୍ରଭୁଙ୍କ ପାଦତଳେ ଥାଇ ଦେଖୁଛି ତାଙ୍କର ଅପୂର୍ବ ରୂପକୁ । ସତେଯେମିତି ତାଙ୍କ ସହ ଚକ୍ଷୁମିଳାଇ ମୁଁ ନବଜୀବନ ଫେରିପାଇଛି । ଏବେ ସାରା ସଂସାର ମୋ ଆଖିରେ ପାଲଟି ଯାଇଛି ବ୍ରହ୍ମମୟ ।

ହଁ, କୌଶଲ୍ୟା ସୁତ ରାମଚନ୍ଦ୍ରଙ୍କ ସହ ମୋର କେବେବି ଶତ୍ରୁତା ନଥିଲା କି ଏବେବି ନାହିଁ । ମୁଁ ତ କେବଳ ରାକ୍ଷସ ସଂସ୍କୃତି ବଞ୍ଚାଇ ରଖିବା ପାଇଁ ଏସବୁ କରୁଥିଲି । ଜୀବନ ଶେଷ ମୁହୂର୍ତ୍ତରେ ଏତିକି ଭାବୁଛି, ମଣିଷ, ମଣିଷ ଭିତରେ ଭେଦଭାବ ଦୂର ହୋଇଯିବା ଉଚିତ୍ । ଯେଉଁ ସଂସ୍କୃତି ଶ୍ରେଷ୍ଠ । ତାହାହିଁ ରହିବା ଉଚିତ୍ । ତେଣୁ ଏତିକି କହିବି, ଆର୍ଯ୍ୟ ସଂସ୍କୃତି ହେଉ କି ଅନାର୍ଯ୍ୟ, ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ କେବଳ ଗୋଟିଏ ସଂସ୍କୃତି ହିଁ ଦୀର୍ଘଜୀବୀ ହେଉ, ତାହାହିଁ ମାନବ ସଂସ୍କୃତି ।

ଆଜି ମୋର ଅନ୍ତିମ ସମୟ ସରିସରି ଆସୁଛି । ରାମଙ୍କ ବ୍ରହ୍ମାସ୍ତ୍ରରେ ମୋ ହୃଦୟ ଫାଟି ଦୁଇଫାଳ ହୋଇ ଯାଇଛି । ହୃତ୍‌ପିଣ୍ଡରୁ ରକ୍ତକ୍ଷରଣ ହୋଇ ରକ୍ତଶୂନ୍ୟ ହେଇଯାଉଛି । ନିଃଶ୍ୱାସ ପ୍ରକ୍ରିୟା ମୋର ଧୀରେଧୀରେ ଶିଥିଳ ହୋଇଯାଉଛି । ମୋ ଆଖି ସାମନାରେ ପରମ ପୁରୁଷୋତ୍ତମ ଶ୍ରୀରାମ ଦଣ୍ଡାୟମାନ । ଓଠରେ ତାଙ୍କର ମୃଦୁମୃଦୁ ହସ । ତାଙ୍କର ମୁଖମଣ୍ଡଳ ଦର୍ଶନ କରି ମୁଁ ବେଶ୍ ବୁଝିପାରୁଚି ମୋର ସମୟ ସରିସରି ଆସୁଛି ଅଳ୍ପସମୟ ମଧ୍ୟରେ ତାଙ୍କରି ପାଦତଳେ ମୋର ଜଡ଼ ଶରୀର ନିଷ୍ପନ୍ଦ ହୋଇଯିବ । ମୁଁ ତେଣୁ ଆଜି ମୋର ଅତୀତ କାହାଣୀକୁ କହିଦେବାକୁ ଚାହେଁ । ମୋ ମନରେ ଉଙ୍କି ମାରୁଥିବା ସମସ୍ତ ଦ୍ୱନ୍ଦ୍ୱ ଓ ମନସ୍ତତ୍ତ୍ୱକୁ ମହାକାଶର ଖୋଲା ପୃଷ୍ଠାରେ ଲିପିବଦ୍ଧ କରି ଦେବାକୁ ଚାହେଁ । କେହି ବୁଝୁ ଅବା ନବୁଝୁ ଅନ୍ତତଃ ପକ୍ଷେ ନିଜକୁ ନିଜେ ସାନ୍ତ୍ୱନା ତ ଦେଇପାରିବି । ମୁଁ ତେଣୁ ମୋ ସ୍ୱୀକାରୋକ୍ତିରେ ଏତିକି କହିବି, କାହିଁକି, କ'ଣପାଇଁ ମୁଁ ଥିଲି ଏତେ ଭୟଙ୍କର, ପ୍ରଚଣ୍ଡ ଅଶାନ୍ତ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର




# ତ୍ରିପାଦଭେଦିନୀ

**ଜ୍ୟୋସ୍ନାମୟୀ ପଣ୍ଡା**



॥ ଭାଗ-୩୦ (ଖ) ॥

ତଟ ସରସ୍ୱତୀ।

ବେଦ ବ୍ୟାସ ଚିନ୍ତା କଲେ ତେବେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ କିପରି ବରାହଙ୍କୁ ସାହାଯ୍ୟ କରିଥିଲେ, ଶଙ୍ଖ ସତ୍ୟର ପ୍ରତୀକ ଅଟେ। ଆକାଶ ସୃଷ୍ଟି ହେବା ପୂର୍ବରୁ ଜ୍ୟୋତି ବା ଅଦିତି ଥିଲେ। ପୃଥିବୀ ସୃଷ୍ଟି ହେବା ପୂର୍ବରୁ ଜଳ ବା ଉଦକ ଥିଲା। ଏହି ଶଙ୍ଖ ବିଷ୍ଣୁଙ୍କ ନାଭି ମଣ୍ଡଳର ପ୍ରତୀକ ଅଟେ, ଯେଉଁଠାରୁ ସୃଷ୍ଟି ଆରମ୍ଭ ହୋଇଥାଏ। ନାଭି ଠିକ୍ ଶରୀରର ମଧ୍ୟ ଭାଗରେ ରହିଥାଏ। ବାତ୍ୟାର ଘନୀଭୂତ ମେଘ ବା ଓଜନ ଦାର ଜଳ କଣ। ମଧ୍ୟରେ ଏକ ନାଭି ଥାଏ। ଆକାଶ ଗଙ୍ଗା ଛାୟା ପଥର ମଧ୍ୟ ଭାଗରେ ଏକ ନାଭି ସ୍ୱରୂପ କୃଷ୍ଣା ବର୍ତ୍ତ ରହି ଅଛି। ଏହା ଏତେ ଓଜନ ବା ଗୁରୁତ୍ୱପୂର୍ଣ୍ଣ ଯେ ଏଠାରେ କୌଣସି ଆଲୋକ ଜଳି ପାରିବ ନାହିଁ। କିନ୍ତୁ ଏହା ମଧ୍ୟରୁ ହଳଦୀ ରଙ୍ଗର ଆଲୋକ ନିର୍ଗତ ହୁଏ। ଏହି ଆଲୋକର ଆକୃତି ଏକ ନାରୀକେଳ, ଦୁଇଟି ଧନୁ , ଏକ ଗଦା ପରି ମନେହୁଏ , କିନ୍ତୁ ବେଶି ଏକ ଶଙ୍ଖ ପରି ମନେ ହୁଏ। କୃଷ୍ଣାବର୍ତ୍ତ ଏକ ନାଭି ସଦୃଶ, ଯାହାର ମଧ୍ୟରେ କେହି ପ୍ରବେଶ କରି ପାରିବେ ନାହିଁ। ଗୀତାରେ ଭଗବାନ ଶ୍ରୀକୃଷ୍ଣ ନିଜକୁ ପିତୃପୁରୁଷମାନଙ୍କ ମଧ୍ୟରେ ଅର୍ଯ୍ୟମା ବୋଲି କହି ଅଛନ୍ତି। ଏହି ସୂର୍ଯ୍ୟ ବୈଶାଖ ମାସର ସୂର୍ଯ୍ୟ, ଯିଏ ବିଷୁବ ବୃତ୍ତ ଉପରେ ଅବସ୍ଥାନ କରନ୍ତି। ତେଣୁ ବିଷୁବ ସଂକ୍ରାନ୍ତିରୁ ଭାରତୀୟ ନବ ବର୍ଷ ଆରମ୍ଭ ହୁଏ। ଏହି ଦିନ ବ୍ରହ୍ମା ପୃଥିବୀରେ ସୃଷ୍ଟି ଆରମ୍ଭ କରିଥିଲେ। ଏହି ଦିନ ଶ୍ରୀ ହନୁମାନ ଙ୍କର ଜନ୍ମ ଦିନ ପଡ଼େ। ଏହା ସ୍ପଷ୍ଟ ଯେ, ଆମର ପୂର୍ବଜ ନୃବାନର ମାନେ ବିଷୁବ ବୃତ୍ତ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ। ଏହା ପୃଥିବୀର ମଧ୍ୟ ଭାଗରେ ଅବସ୍ଥିତ। ତେଣୁ ଆର୍ଯ୍ୟମାନେ ସୃଷ୍ଟି ହେବା ପୂର୍ବରୁ ଆର୍ଯ୍ୟମା ସୃଷ୍ଟି ହୋଇ ସାରି ଥିଲେ। ଚକ୍ରାକୃତି ବସ୍ତୁ ମାନଙ୍କର ମଧ୍ୟରେ ଏକ ନାଭି ଥାଏ। ଓଡ଼ିଶା (ଆନ୍ଧ୍ର ସହିତ ପ୍ରାଚୀନ ଓଡ଼ିଶା) ତଥା ଭାରତର ମଧ୍ୟ ଭାଗରେ ଅବସ୍ଥିତ। ଏହା ପୂର୍ବରେ ଓ ଏହାର ପୂର୍ବ ଭାଗରେ ଶଙ୍କକ୍ଷେତ୍ର ଅଛି। ଏହାକୁ ଶଙ୍ଖ ନାଭି ମଣ୍ଡଳ କୁହା ଯାଏ। ଶଙ୍ଖ ମଧ୍ୟରୁ ଯେଉଁ ଧ୍ୱନି ନିର୍ଗତ ହୁଏ, ତାହା ଅତ୍ୟନ୍ତ ଓଜନ ଦାର ଓମ୍‌କାର ଧ୍ୱନି ଅଟେ। ଏହିପରି ଧ୍ୱନି ଆକାଶ ଗଙ୍ଗା ଛାୟା ପଥର ମଧ୍ୟ ଭାଗରେ ଥିବା କୃଷ୍ଣା ବର୍ତ୍ତରୁ ଆସିଥାଏ। ଯୋଗରେ ଏହି ଧ୍ୱନି ଶରୀରକୁ ଉତ୍ତାପ ପ୍ରଦାନ କରିଥାଏ ଓ ଜାଗ୍ରତ କରିଥାଏ। ଏହା ଶରୀର, ମନ ଓ ଆତ୍ମା ପକ୍ଷେ ଶୁଭଙ୍କର ହୋଇଥାଏ। କିନ୍ତୁ , ଏହି ଶଙ୍ଖ ଧ୍ୱନି କରିବା ପାଇଁ ଶରୀରରେ ଯଥେଷ୍ଟ ବଳ ଓ ପ୍ରଶ୍ୱାସର ନିୟନ୍ତ୍ରଣ ରହିବା ପ୍ରୟୋଜନ ହୋଇ ଥାଏ। ପୁନଶ୍ଚ , ଆମର କପାଳ ମଧ୍ୟରେ ଶଙ୍ଖ ଅସ୍ଥି ରହିଥାଏ। କର୍ଣ୍ଣ, ଓଷ, ଚକ୍ଷୁ ବନ୍ଦ ରଖି ଓମ୍ କାର ଉଚ୍ଚାରଣ ଆମର ଶରୀର, ନାଭି କେନ୍ଦ୍ର, କର୍ଣ୍ଣ, ମୁଖକୁ ପ୍ରଭାବିତ କରିଥାଏ ଓ ଏହା ଶୁଭଙ୍କର ହୋଇଥାଏ ବୋଲି ଯୋଗ ସାଧକ ମାନେ କହିଥାନ୍ତି। ଏହି ଶଙ୍ଖ ଅସ୍ଥି ବୋଧହୁଏ ଯୋଗ ଶକ୍ତିର ଏକ ବିଶେଷ ପ୍ରୟୋଜନ ହୋଇଥାଇପାରେ। ଶଙ୍ଖ ଧ୍ୱନି କୌଣସି ଶୁଭ କାର୍ଯ୍ୟ, ଯୁଦ୍ଧ, ଦେବ ଆରାଧନାର ପ୍ରଥମରେ କରାଯାଇଥାଏ। ଅତୀତ ବା ଭବିଷ୍ୟତର ଜ୍ଞାନ ମାନବ ପକ୍ଷେ ଭ୍ରାନ୍ତ ହୋଇ ପାରେ, କିନ୍ତୁ ବର୍ତ୍ତମାନ ହିଁ ସତ୍ୟର ସ୍ୱରୂପ ଅଟେ। ଧ୍ରୁବ ତାରା ସର୍ବଦା ସ୍ଥିର ଥାଏ ଓ ତାରକାମାନେ ଏହାକୁ କେନ୍ଦ୍ରକରି ଘୁରୁଥାନ୍ତି। କିନ୍ତୁ ଏହା ସ୍ଥାନ ପରିବର୍ତ୍ତନ କରିବା ପରି ଜଣାଯାଏ। ଏହା ପୃଥିବୀର ଗତି ପାଇଁ ଜଣା ଯାଏ। ଠିକ୍ ସେହିପରି ଦେବ ଶକ୍ତିରେ ରଚିତ ଗ୍ରନ୍ଥ ଭାଗବତ ଏକ ସତ୍ୟ ଅଟେ, କିନ୍ତୁ ତାକୁ ମଣିଷ ଭ୍ରାନ୍ତ ଭାବରେ ଗ୍ରହଣ କରି ପାରେ। ସେହି ପରି ସତ୍ୟ ସର୍ବଦା ସ୍ଥିର ଅଟେ ଏବଂ ବର୍ତ୍ତମାନ ରେ ହିଁ ସତ୍ୟର ଆରମ୍ଭ ହୋଇ ଥାଏ। ବର୍ତ୍ତମାନ କୌଣସି ଶୁଭ କାର୍ଯ୍ୟ, ଯୁଦ୍ଧ, ବିଜୟ ବା ଯାତ୍ରାର ଅନୁକୂଳ କରାଗଲା, ଶଙ୍ଖ ଏହା ଘୋଷଣା କରିଥାଏ। ଭଗବାନ ବିଷ୍ଣୁ ପଞ୍ଚଜନ ଅସୁରକୁ ବଧ କରିଥିଲେ ଓ ତାହାଠାରୁ ପଞ୍ଚ ଜନ୍ୟ ଶଙ୍ଖ ପ୍ରାପ୍ତ ହୋଇ ଥିଲେ। କୁହା ଯାଏ ଯେ, ଏହା ପଞ୍ଚଜନଠାରୁ ମିଳିଥିଲା । କିନ୍ତୁ ସେହି ଶଙ୍ଖ ହିଁ ଆଜି ଏହା ଘୋଷଣା କଲାଯେ, ସେ ପଞ୍ଚଜନର ଅସ୍ଥି ନୁହେଁ, ସତ୍ୟ ଏହାଯେ, ଏହା ତାହା ପାଖରେ ଥିଲା ଓ ଅଣାଗଲା। କାରଣ, ଏହା କୌଣସି ମଣିଷ ଜାତୀୟ ପ୍ରାଣୀର ଅସ୍ଥି ହୋଇ ନପାରେ ! ଭାରତର ପ୍ରାଚୀନ ଗୁରୁମାନେ ଅତି ଗୁରୁତ୍ୱ ପୂର୍ଣ୍ଣ ଥିଲେ। ସେମାନେ ଯୋଗ ବଳରେ ନିଜକୁ ବା ଆତ୍ମାକୁ ଓଜନିଆ, ହାଲୁକା, ଦୃଶ୍ୟ ବା ଅଦୃଶ୍ୟ କରି ଦେଉଥିଲେ। ସେମାନେ ଓଜନ ଓ ହାଲୁକା ମଧ୍ୟରେ ନିଜର ଭାରସାମ୍ୟ ଠିକ୍ ରଖି ପାରୁଥିଲେ। ତେଣୁ ଭାରତ ବର୍ଷ ର ପ୍ରଥମ ରେ ଏହି ଭାର ବା ଓଜନ ଶବ୍ଦକୁ ବ୍ୟବହାର କରା ଯାଇଥିଲା। ସତ୍ୟର ଓଜନ ବହୁତ ବେଶି ହୋଇ ଥାଏ। ଶଙ୍ଖରୁ ଜଳ ଢ଼ାଳି ସତ୍ୟ ବନ୍ଧ କରାଯାଏ । ଅର୍ଥାତ୍ ଯେ ସତ୍ୟ କରେ ସେ ଏହି ସତ୍ୟକୁ ନିଶ୍ଚୟ କାର୍ଯ୍ୟରେ ପରିଣତ କରିଥାଏ ବା ସତ୍ୟରେ ପରିଣତ କରିବା ଉଚିତ୍। ପୂର୍ବରୁ ଭାରତ ବର୍ଷରେ ଏହି ସତ୍ୟକୁ ସମ୍ମାନ ଦେଇ ଅନେକ ରାଜା, ଋଷି ମାନେ କାର୍ଯ୍ୟରେ ପରିଣତ କରୁଥିଲେ ଓ ଶପଥ ବା ସତ୍ୟ ଅତି ଉଚ୍ଚ ସ୍ଥାନରେ ଆସୀନ ଥିଲା। ବର୍ତ୍ତମାନ ସାଧାରଣ ବାହ୍ୟ ବିଜ୍ଞାନ ଦୃଷ୍ଟିରେ ସେ ଶଙ୍ଖ ବିଷୟରେ ସତ୍ୟ କଣ ତାହା ଜାଣିବାକୁ ଆଗ୍ରହୀ ହେଲେ। ଏହା ସତ୍ୟ ଯେ, ସେହି ବରାହ କୌଣସି ଦେବତା ଅବା ମାନବ ନଥିଲେ। ସେ କେବଳ ଏକ ବନ୍ୟ ଦନ୍ତା ବରାହ ହିଁ ଥିଲେ। ତାଙ୍କର ତଥା ମାନବ ମାନଙ୍କର ପୂର୍ବଜ ମୂଷା ଜାତୀୟ ପ୍ରାଣୀଙ୍କଠାରୁ ତାଙ୍କର ଉତ୍ପତ୍ତି ହୋଇ ଥିଲା। ତେଣୁ ଆମର ପୂର୍ବ ପୁରୁଷ ମାନେ ଗଣିତ, ବିଜ୍ଞାନ, ଭୁଗୋଳ ଇତିହାସ ଆଦି ଜ୍ଞାନର ଦେବତା ଶ୍ରୀ ଗଣେଶଙ୍କୁ ଏକ କ୍ଷୁଦ୍ର ମୂଷିକ ବାହାନ ଉପରେ ହିଁ ବସାଇ ଦେଲେ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଆଜିର କବିତା

### ସମୟ ଯାଉଛି ସରି

**ପୁଷ୍ପାଞ୍ଜଳି ମିଶ୍ର**



ମନ ବଗିଚାର ଗୋଲାପ ଫୁଲ ମୁଁ
ସମୟ ଯାଉଛି ଝାଉଁଳି
କେତେ ମିଠା ସ୍ମୃତି ଲେଖିଛି ଅତୀତ
ରକ୍ତ ରାଗରେ କୁହୁଡି
ଭିଜୁଚି ପାଖୁଡ଼ା କାକର ଟୋପାଏ
ମହକ ମହୁରେ ଉଛୁଳା
ଡାହାଣ ଆଖିର ନଈ ରୁତ କୋଣେ
ବୟସ ବାଇଶି ବେହେରା
କଣ୍ଟା ସିନା ମୋ ଦୁଃଖ ଡାଳରେ
ସୁଖ ଡାହିର ସବୁଜ ପତରେ
ସ୍ୱପ୍ନ ଆଙ୍କିଛି ମୁଁ ମଲ୍ଲିକା
ଚିତ୍ର ଲେଖାର ତୁଳିକା
ଦିନ ଥିଲା ମନର ମନ୍ଦିରେ
କେତେ ଆରାଧନା ଆରତୀ
ଆଜିକୁ କାହାଣୀ ସାଜିଛି ଅଙ୍ଗାର
ହୃଦୟ ହେଉଛି କରନ୍ତି
ଜୀବନ ସଙ୍ଗୀତ ଗାଉଛି ନୀରବେ
ଲୁଚେଇ ପିଉଛି ଜହ୍ନର
ନିଝୁମ ରାତିର ଅନ୍ଧ ଗଳିରେ
ଜଳୁଛି ମୋ ରୂପ ନଅର
ଦିଅ ଗୋ ମେଲାଣି ଯେତିକି ବଞ୍ଚିଲା
ସେଇତକ ମୋର ଜୀବନ
ଆଉ ଯାହା ବାକି ଅଧୂରା ସେତିକି
ପାଖୁଡ଼ା ଝାଡୁଛି ପବନ।

+ସୁକିନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

### ଦିବ୍ୟ ଅନୁଭବ

**ଆଦ୍ୟାଶା ମହାପାତ୍ର**



ଚିମୁଟାଏ ଧୂଳିକୁ ଛୁଇଁଲେ
ଦିବ୍ୟ ଚେତନାର ସ୍ପର୍ଶ
ଆପେ ଆପେ ନଇଁଯାଏ ମଥା
କୁହ ପ୍ରଭୁ
କେଉଁ ପୁଣ୍ୟବଳେ
ଶ୍ରୀକ୍ଷେତ୍ରର ବାଲି ମାଟି ଗୋଡି
ଆଜି ବଡ଼ଦାଣ୍ଡରେ ଶୋଭିତ
ଶ୍ରୀମନ୍ଦିର ପରିକ୍ରମା ମାର୍ଗ
ଏବେ ଲୋକାର୍ପିତ
ଭକ୍ତି ର ଉପପାଦ୍ୟକୁ ଘୋଷି
ଶହ ଶହ ପାଦ ଏଠି ସମାବେତ
ପାପୀ ତାପୀ ବୁବୁକ୍ଷୁ
ଆର୍ତ୍ତଜନ ଗତିଶୀଳ ଏଠି
ତଥାପି
ସିଂହଦ୍ୱାର ଠୁ ଶ୍ରୀଗୁଣ୍ଡିଚା ଯାଏଁ
ସଂଜ୍ଞାହୀନ ପାପପୂଣ୍ୟ ଭିତରେ
ଛଳଛଳ ଆଖିର ଆକାଶ
ଢଳଢଳ ଭାବର ସମୁଦ୍ର
ଜୀବନ ପଥ ଏଠି ଜୀବନ୍ତ
ଶାଶ୍ୱତ ପବିତ୍ର... !
ପ୍ରଭୁ ତୁମେ ତ
ଅତୀତର ଅତୀତ
ଭବିଷ୍ୟତର ଭବିଷ୍ୟତ
ସକଳ ରହସ୍ୟର ରହସ୍ୟ
ତୁମେ ଅନାଦି, ତୁମେ ଅନନ୍ତ
ପ୍ରଳୟ ପୟୋଧିର ମନ୍ତ୍ର
ଜୀବନ ବଡ଼ଦାଣ୍ଡରେ
ହାହାକାର ହତାଶ ଭିତରେ
ଅନ୍ତର୍ବେଦନାର ସ୍ୱର
ତୁମ ନାମରେ ଆତ୍ମୀୟତାର ସ୍ତୋତ୍ର
ପରିପୂର୍ଣ୍ଣ ବ୍ୟାପକତା
ଅସୁମାରୀ ଦିବ୍ୟ ଅନୁଭବ... !

+ନୂଆପଡା, କଟକ

### କଟକରେ ଶୀତ

**ସୁଷମା ପରିଜା**



ହଜାରେ ବର୍ଷର ସହର ଏ କଟକ
ମହାନଦୀ ଆଉ କାଠଯୋଡି ମଝିରେ ଅଟକ
ଏଠି ରାତି ନାହିଁ, ଜାତି ନାହିଁ
କି ଭୀତି ନାହିଁ, ହେଲେ
ଭାଇଚାରାର ଭାବନା ଭରପୁର ,
ସେ ଭାବନା ଦୋଳ ଦଶହରା ପାଇଁ ଯେତିକି,
ଇଦ୍ ମହରମ ଇଷ୍ଟର୍ କ୍ରିସମାସ୍
ପାଇଁ ମଧ୍ୟ ସେତିକି ।

ଏଠି ସବୁ ମଣିଷ ସମାନ,
ଖଟିଖିଆ ମଣିଷଙ୍କଠାରୁ
କୋଠାବାଲା ମଣିଷ ଯାଏଁ
ସକାଳ ହେଲେ ସଭିଏଁ
ଓହ୍ଲେଇ ଆସନ୍ତି ରାଜରାସ୍ତା ଉପରକୁ
ଦହିବରା ଆଳୁଦମ୍,
ବରା ଘୁଘୁନିର ଆସର ବସେଇ
ଖରାଦିନେ ଦହି ସରବତ୍ ଆଉ ଲସି
ବର୍ଷା ଦିନେ ମୁଢ଼ି ପିଆଜିର ଝକାସ୍ ମେଳା।

ଶୀତଟା ଡରିଯାଏ ଏ ସହରର
ଗୁଞ୍ଜାଗୁଞ୍ଜି ଘର ଦେଖି
ସଞ୍ଜ ନଇଁବଲେ ହାଡିଆ ପଠା ଦେଇ ଲୁଚି ଲୁଚି
ଥିର୍ କିନା ପଶେ ସହର ଭିତରେ...
ଟିକିଏ ଆଗରେ ଢ଼ାଲି ଯାତ୍ରା ପଡିଆରେ
ପିଲାରୁ ବୁଢା ଯାଏଁ ମେଳ ହୋଇଥାନ୍ତି,
ଉଠା ଚୁହ୍ଲୀ ଭଜା ଚିନାବାଦାମ
ଆଉ ମକା ପୋଡ଼ା
ଖାଉ ଖାଉ ଫୁଃ.. କିନା
ଉଡେଇ ଦିଅନ୍ତି ଶୀତକୁ ।

ଡରି ମରି ଶୀତ ଧାଏଁ ଆଗକୁ.. ଆଗକୁ..
ବକ୍ସି ବଜାର ଛକରେ
ସରୁ ଚକୁଳିକୁ ଗୋଡ଼ ସୋରୁଆ
ଧମକେଇ ଦିଅନ୍ତି ଶୀତକୁ ..
ଯାଃ..ଯାଃ .ବେ ... କିଏ ଡରିଚି ତତେ ?
ସୁର୍ କେଇ ବାଟଭାଙ୍ଗି ଚାଲିଯାଏ ଶୀତ ,
ପଶିଯାଏ
ପଟା ପୋଲର ନୂଆଁଣିଆ ଚାଳଘର ଆଡକୁ
ରାମଲୁ ରିକ୍ସାବାଲାର
ପିକା ଧୂଆଁରେ ଆକ୍ତାମାକ୍ତା ହୁଏ
ମିନାମ୍ବାର କୋଇଲା ଚୁହ୍ଲୀର ରଡ ନିଆଁରେ
ଟକମକ ହୋଇ ଫୁଟୁଥାଏ ଭାତ ସହ ଶୀତ
କରୋନାର କରୁଣାରୁ
ଏବେ ମାଗଣା ଚାଉଳ
ସାଙ୍ଗରେ ମାଗଣା ଡାଲି,
ରାମଲୁ ପରିବାରର
ପରୁଆ ନାଇଁ ଶୀତକୁ ,
ସେଠି ଏବେ ସ୍ନେହର ଉଷ୍ମତା।

ପଛକୁ ପାଦ ଫେରାଇ
ମା' କଟକ ଚଣ୍ଡୀଙ୍କ ମନ୍ଦିର ଦେଇ
ସହର ଭିତରକୁ ପଶେ ଶୀତ
ହେଲେ ଏଠି ବି ପରାସ୍ତ ହୁଏ..
ଦରଘା ବଜାରରୁ ଚାନ୍ଦିନୀଚୌକ ଯାଏଁ...
ସିଗାରେଟ୍‌ର ଧୂଆଁ ଆଉ
ତୀବ୍ର ପାନୀୟର ନିଶାରେ
ମସ୍ତ ଯୁବ ପିଢି,
ସେମାନଙ୍କ ଉଦଣ୍ଡ ନାଚଗୀତ ହୋ ହଲ୍ଲାରେ
ଭୀତ ତ୍ରସ୍ତ ହୋଇ ଶୀତ ଧାଏଁ
ସତୀ ଚଉରା ବାଟ ଦେଇ
ନୂଆ କଟକ ସିଡିଏ ଆଡକୁ..
ଆଃ ... ସେଠି ବି ହାର୍ ମାନେ ଶୀତ
ଆକାଶେ ଉଚ୍ଚ ବଙ୍ଗଳାରେ
ଶୀତକୁ ଭଗେଇବାର
ଯାବତୀୟ ଆଧୁନିକ ଉପକରଣ ..
ରୁମ୍ ହିଟର୍‌ରୁ ବିଦେଶୀ ପାନୀୟର ତାଡି !!
ଆଃ... ଏବେ କଟକ ଛାଡି
ପଳାତକ ଶୀତ !!!!

+ଶାରଳା ଭବନ, ପୋତା ପୋଖରୀ,
କଟକ-୪

### କାରୁବାକୀ

**ଅଳକା ରାୟ**



ମାୟା ମିରିଗ
କାହିଁକି କେଜାଣି
ମାୟା ମିରିଗ ଜାଣି ମଧ୍ୟ
ମାୟାରେ ମରିବାକୁ ଇଛା ହୁଏ
ସୁନା କଙ୍କଣ ଯାଚୁଥିବା
ବାଘର କାର୍ସାଦି
ବୁଝିବା ପରେ ବି
ଆହୁତ ଦେବାକୁ ଇଛା ହୁଏ
ତା ଚିତ୍ରିତ ଆଁରେ।
ସୁନାର ହରିଣ
ଖାଲି କଣ ଏକ
ସ୍ୱପ୍ନ ବିଳାଶି ମନର ଚିତ୍ରଣ !
ନା ନୀଳ ନୀଆଁର
ନୀରବ ନୀମନ୍ତ୍ରଣରେ
ପତଙ୍ଗର ଶେଷ ଦିନ
ନା ପ୍ରଲମ୍ବିତ ଦୁଃଖର
ଅନନ୍ତ ଦହନ !

+ଭୁବେନଶ୍ୱର
ମୋ: ୭୯୭୮୩୩୨୦୬୧

### ଜୟ ଜୟ ଜୟ ଶ୍ରୀ ରାମ

**କବିତା ପଣ୍ଡା**



କୌଶଲ୍ୟା ନନ୍ଦନ ରାଜିବ ଲୋଚନ
ଜୟ ଜୟ ଜୟ ଶ୍ରୀ ରାମ ।
ରଘୁକୁଳ ମହାନ୍ ଦଶରଥ ଜୀବନ
ଜୟ ଜୟ ଜୟ ଶ୍ରୀ ରାମ ।
ଜନକ ମଣି ରତ୍ନ ସତୀ ଚନ୍ଦ୍ର ନୟନ
ଜୟ ଜୟ ଜୟ ଶ୍ରୀ ରାମ ।
ଅଯୋଧ୍ୟାର ରାଜନ୍ ସତ୍ୟ ନିଷ୍ଠା ଭାଜନ
ଜୟ ଜୟ ଜୟ ଶ୍ରୀ ରାମ ।
ମର୍ଯ୍ୟାଦା ପୁରୁଷାନ ଭାତୃ ପ୍ରେମ ବନ୍ଧନ
ଜୟ ଜୟ ଜୟ ଶ୍ରୀ ରାମ ।
ବନବାସ ଗମନ ମୁନି ଋଷି ବନ୍ଦନ
ଜୟ ଜୟ ଜୟ ଶ୍ରୀ ରାମ ।
ଅହଲ୍ୟା ତ୍ରାରଣ ଅସୁରୀର ନିସୁଧନ
ଜୟ ଜୟ ଜୟ ଶ୍ରୀ ରାମ ।
କୈବର୍ତ୍ତ ମୁକ୍ତି ଗାନ ଶବରୀ ଦୁଃଖ ଭଞ୍ଜନ
ଜୟ ଜୟ ଜୟ ଶ୍ରୀ ରାମ ।
ଅଧମ ଦିନ ଜନ କୋଟି ପ୍ରଣାମ ଘେନ
ଜୟ ଜୟ ଜୟ ଶ୍ରୀ ରାମ ।

+ମଙ୍ଗଳପୁର, ସୋର, ବାଲେଶ୍ୱର

# ସେଲ ଆରଏସପିର କାର୍ମିକ ବିଭାଗର କର୍ମଚାରୀଙ୍କୁ 'ସାବାସ ପୁରସ୍କାର' ପ୍ରଦାନ



ରାଉରକେଲା, ୨୪/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କାର୍ମିକ ଓ ପ୍ରଶାସନ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ ଶ୍ରୀ ବୀରେନ୍ଦ୍ର କୁଲୁ କାର୍ମିକ ବିଭାଗର ବିଭିନ୍ନ ସେକ୍ସନର ୧୧ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାର୍ମିକ କାର୍ଯ୍ୟ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଧିରେନ୍ଦ୍ର ମିଶ୍ର, ଜିଏମ୍ ଶ୍ରୀ ସଞ୍ଜୟ ମେହେରୋତ୍ରା ଓ ଶ୍ରୀ ଜି ଆର ଦାସ, ଡ଼ିଜିଏମ ଶ୍ରୀ ସଞ୍ଜୟ ଦେଓ, ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବିଭାଗରେ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ କାର୍ମିକ-ପ୍ରକଳ୍ପ , କାର୍ମିକ କଲ୍ୟାଣ, କାର୍ମିକ -ଆଇରନ୍ ଆଣ୍ଡ ଷ୍ଟିଲ ଏବଂ କାର୍ମିକ-ରିକ୍ରୁଟମେଣ୍ଟ ଜେନେରାଲର କର୍ମଚାରୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ କୁଲୁ କର୍ମଚାରୀଙ୍କ ଉଦ୍ୟମର ପ୍ରଶଂସା କରିବା ସହିତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଶୁଭ୍ରା ରାଜେଶ୍ୱରୀ ସଂଯୋଜନା କରିଥିଲେ।

# ମାଲକାନଗିରି ଜିଲ୍ଲାସ୍ତରୀୟ ନେତାଜୀଙ୍କ ୧୨୭ତମ ଜୟନ୍ତୀ ପାଳନ

ମାଲକାନଗିରି, ୨୪/୧ (ନି.ପ୍ର): ଜିଲ୍ଲା ସଦରମହକୁମା ସୁବାଷ ବୋଷ ଛକ ଠାରେ ୧୨୭ତମ ସୁବାଷ ଜୟନ୍ତୀ ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ସ୍ଥାନୀୟ ନେତାଜୀ ସୁଭାଷ ବୋଷ ଟାଉନ କ୍ଲବ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସଡିପିଓସଚିନ୍ ପଟିଲ, ତହସିଲଦାର ନରସିଂହ ଗାଦବା ଯୋଗଦେଇ ସୁବାଷ ବୋଷ ଛକଠାରେ ସ୍ଥାପିତ ନେତାଜୀଙ୍କ ବିରାଟକାୟ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ, ନେତାଜୀଙ୍କ ବହୁମୂଖୀ ପ୍ରତିଭା ସମ୍ପର୍କରେ ଉଦବୋଧନ ଦେଇଥିଲେ।

ଅନୁରୂପ ଭାବେ ଟାଉନ କ୍ଲବ ପରିସରରେ କ୍ଲବର ସଭାପତି ଡି. ଚିନ୍ନା ରାଓଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବନବାସୀ ଗବେଷକ ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବରିଷ୍ଠ ନାଗରିକ ଗଙ୍ଗାଧର ବୁରୁଦା ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହିତ ଦେଶ ସ୍ୱାଧୀନତା ପାଇଁ ନେତାଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହି ତାଙ୍କର ବହୁମୂଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଶଙ୍କର ପାଣିଗ୍ରାହୀ, ଜି ଶ୍ରୀନିବାସ ରାଓ, ଏମ୍. ବାଲାରାଜୁ ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପଦ୍ମନ ପାଙ୍ଗି ପ୍ରମୁଖ କ୍ଲବର ସଦସ୍ୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ, ୨୪/୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଓ ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ଆଜି ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ଖୁବ ଧୂମ ଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଗାଇଡ଼ ଓ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ।

ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୁତାର ଯୋଗଦେଇ ପିଲା ମାନଙ୍କୁ ନେତାଜୀଙ୍କ ଉପରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ସଭାର ଆରମ୍ଭରେ ଏନ ସି ସି କାଡେଟ ପୂର୍ବା ଦାସ ଭାରତୀୟ ଯବାନ ମାନଙ୍କ ପାଇଁ ଗୋଟେ ଦେଶାତ୍ମ ବୋଧ ସଙ୍ଗୀତ ଗାନ କରି ଗୋଟେ ଦେଶାତ୍ମ ବୋଧକ ଓ ଭାବ ବିହଳ ପରିବେଶ ସୃଷ୍ଟି କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା ସିଂହ, ଅନିତା ଧଳ, ସ୍ୱର୍ଣ୍ଣ ମୟୀ ନାୟକ, ତାପସ ବେହେରା, ଅନିଲ ଦାସ ପ୍ରଭୃତି ନେତାଜୀଙ୍କ ଜୀବନୀ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୀବନୀ ଓ ସ୍ୱାଧିନତା ସଂଗ୍ରାମର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଏନ ସି ସି ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ପରିଚାଳନାରେ ସଭା କାର୍ଯ୍ୟ ଚାଲିଥିଲା। ସଭା କାର୍ଯ୍ୟ ପରେ ସମସ୍ତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଗାଇଡ଼ ଓ ବିଦ୍ୟାଳୟ ର ସମସ୍ତ ପିଲା ବିଦ୍ୟାଳୟ ରୁ ଆରମ୍ଭ କରି ଏକ ଶୋଭାଯାତ୍ରା ବାଇ ପାସ ପର୍ଯ୍ୟନ୍ତ ନେତାଜୀ ଅମର ରହେ ଓ ବିର ସୁରେନ୍ଦ୍ର ସାଏ ଅମର ରହେ ସ୍ଲୋଗାନ ଦେଇ ଯାଇଥିଲେ। ଅଞ୍ଜନା ପାତ୍ର, ସୁଜୟ କୁମାର ରାଉତରାୟ, ଗୋମତି ସ୍ୱାଇଁ, ଜ୍ୟୋତି ଲକ୍ଷ୍ମୀ ବେହେରା, ମାନସୀ ମହାନ୍ତି, ଶ୍ରୀକାନ୍ତ ମଲ୍ଲିକ, ଶୈଳବାଳା ଆଚାର୍ଯ୍ୟ, ସଂଧାରଣୀ ପାଣି ଗ୍ରାହୀ, ତାପସ୍ୱିନୀ ମଲ୍ଲିକ, ବିନୋଦ ନାଥ, ସ୍ମିତା ପ୍ରଜ୍ଞା ରାଉତ ଓ ରଶ୍ମିତା ତରାଇ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି ଶୋଭାଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ଏନ ସି ସି ଅଫିସର ସରୋଜ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ, ସ୍କାଉଟ ମାଷ୍ଟର ତାପସ ବେହେରା, ଅନିଲ ଦାସ, ସମ୍ପୂର୍ଣ୍ଣ ଭାବରେ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ବିସ୍କୁଟ ବଂଟନ କରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

# ବିଜେପିର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ



ବାଲିଆପାଳ , ୨୪/୧ (ନି.ପ୍ର): ଲଙ୍ଗଳେଶ୍ୱର ନିକଟ ବଣିଆଡିହା ଗ୍ରାମର ମହେଶ୍ୱର ଦାସଙ୍କ ବାସଭବନରେ ମଙ୍ଗଳବାର ବିଜେପିର ବସ୍ତା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ।୨୭ ତାରିଖ ଦିନ ୨୫୦ ବୁଥ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେବାସହ ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମକୁ ପ୍ରତି ବୁଥରେ ପ୍ରସାରଣ କରାଯିବ ସେନେଇ ବ୍ୟାପକ ବ୍ୟବସ୍ଥା କରାଯିବାର ନିଷ୍ପତ୍ତି ହୋଇଛି। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ରବୀନ୍ଦ୍ର ଜୈନ, ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, ଗୌରବ ଅଣ୍ଡିଆ, ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ, ରଞ୍ଜନ ମହାନ୍ତି, ବସନ୍ତ ବାରିକ, ରାଧାମାଧବ ମଣ୍ଡଳ, ଲକ୍ଷ୍ମୀଧର ପ୍ରଧାନ, ଦେବାନନ୍ଦ ପିଳା, କମଳଲୋଚନ ଦତ୍ତ, ଜିଲ୍ଲା ସମ୍ପାଦିକା ମାଳତୀ ନାୟକ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଖଗେନ୍ଦ୍ର ନାୟକ, ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ସାଙ୍ଗଠନିକ କର୍ମକର୍ତ୍ତା ଯୋଗଦେଇ ଥିଲେ। ବୈଠକ ଆରମ୍ଭରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ସ୍ମୃତି ଉଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାଥନା କରାଯାଇଥିଲା।

# ଏବେଠୁ ଜଳିଲାଣି ଜଙ୍ଗଲ: ବନାଗ୍ନି ରୋକିବାକୁ ଆଗୁଆ ପ୍ରସ୍ତୁତି

ଭୁବନେଶ୍ୱର: ୨୦୨୩ ଗ୍ରୀଷ୍ମରେ ତାଣ୍ଡବ ରଚିଥିଲା ବନାଗ୍ନି। ଶିମିଳିପାଳରେ ନିଆଁ ଲାଗିଥିଲା। ମାଲକାନଗିରିଠାରୁ ମୟୂରଭଞ୍ଜ, ଚନ୍ଦକାରୁ କୁଳଡିହା ଅଭୟାରଣ୍ୟ ଯାଏଁ ବନାଗ୍ନି ବ୍ୟାପକ କ୍ଷତି ପହଞ୍ଚାଇଥିଲା। ଏକର ଏକର ଜଙ୍ଗଲ ଜଳି ଯାଇଥିଲା। ୩୨ ହଜାରରୁ ଅଧିକ ସ୍ଥାନରେ ବନାଗ୍ନି ଚିହ୍ନଟ ହୋଇଥିଲା। ୨୦୨୧ ତୁଳନାରେ ନିଆଁର କୋପ କମ୍ ଥିଲେ ମଧ୍ୟ ପ୍ରଶମିତ କରିବାକୁ ରାଜ୍ୟ ସରକାରଙ୍କୁ ଓଡ୍ରାଫ୍‌ର ସହାୟତା ନେବାକୁ ପଡ଼ିଥିଲା। ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତ ଗ୍ରୀଷ୍ମ ଋତୁ ପୂର୍ବରୁ ରାଜ୍ୟ ସରକାର ଆଗୁଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଜିଲ୍ଲାପାଳଙ୍କୁ ଅଧିକ କ୍ଷମତା ଦେବା ସହ ପଞ୍ଚାୟତକୁ ଜଙ୍ଗଲ ନିଆଁମୁକ୍ତ କରିବା, ଲୋକଙ୍କୁ ଅଧିକ ସଚେତନ କରାଇବା ଓ ସଂଶୋଧିତ ଏସ୍‌ଓପି ଲାଗୁ କରି ଜଙ୍ଗଲ ନିଆଁ ରୋକିବାକୁ ନିଷ୍ପତ୍ତି ହୋଇଛି। ନିଆଁ ନ ବ୍ୟାପିବା ପାଇଁ ଅଧିକ ଫାୟାର-ବ୍ରେକ୍ ଲାଇନ୍ ପ୍ରସ୍ତୁତ କରିବାକୁ ଡିଏଫ୍‌ଓ ଓ କ୍ଷେତ୍ର ଅଧିକାରୀମାନଙ୍କୁ କୁହାଯାଇଛି। ଫାୟାର-ବ୍ରେକ୍ ଲାଇନ୍‌କୁ ନିୟମିତ ଭାବେ ସଫା କରିବା, ଏହି କାମରେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ନିଶ୍ଚିତ କରାଇବା, ବିଗତ ବର୍ଷଗୁଡ଼ିକରେ ଯେଉଁ ଜିଲ୍ଲାରେ ଅଧିକ ବନାଗ୍ନି ହୋଇଥିଲା ସେହି ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନା ତଥା ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତରେ ଥିବା ଜଙ୍ଗଲକୁ କିଭଳି ନିଆଁରୁ ରକ୍ଷା କରାଯାଇପାରିବ ସେଥିପାଇଁ ଜଙ୍ଗଲ ନିଆଁ ମୁକ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ଜଙ୍ଗଲ ନିଆଁ ରୋକିବାକୁ ଅଧିକ ଅଗ୍ନିଶମ ଦଳ ଗଠନ ହେବ। ପ୍ରତି ଦଳରେ ୧୦ ଜଣ ଲେଖାଏ ରହିବେ। ୨୦ ହଜାରରୁ ଅଧିକ ଫାୟାର-ବ୍ରେକ୍ ଲାଇନ୍ (ଅଗ୍ନିରୋକ ରେଖା) ଗଠନ କରିବାକୁ ଏଥର ଲକ୍ଷ୍ୟ ରଖାଯାଇଛି। ବନ କର୍ମଚାରୀଙ୍କୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯିବ। ଯୋଗାଯୋଗର ମାଧ୍ୟମକୁ ବ୍ୟାପକ କରିବାକୁ ଭିଏଚ୍‌ଏଫ୍ ଷ୍ଟେସନ ସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟକ ଓ୍ୱାକି-ଟକି ଯୋଗାଇ ଦିଆଯିବ। ବନରକ୍ଷୀଙ୍କ ସହ ସମନ୍ୱୟ ରକ୍ଷା କରି ଜଙ୍ଗଲ ନିଆଁରୁ ସୁରକ୍ଷା ପାଇଁ ସ୍ଥାନୀୟ ଅଧିବାସୀ, ବନ ସୁରକ୍ଷା ସମିତିକୁ ସାମିଲ କରାଯିବ। ଓଡ୍ରାଫ୍ ଟିମ୍ ସଦସ୍ୟଙ୍କ ଦ୍ୱାରା ତୃଣମୂଳସ୍ତରର ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବ। ଜୁନ୍ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତେଣୁ ବନାଗ୍ନି ଅଧିକ ବ୍ୟାପିବାର ଆଶଙ୍କା ରହିଥିବାରୁ ସମ୍ଭାବ୍ୟ ସ୍ଥାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି ଓ ଡିଏଫ୍‌ଓମାନଙ୍କୁ କୁହାଯାଇଛି। ସେହିପରି ବନାଗ୍ନିରେ ସମ୍ପୃକ୍ତ ଖଳ ପ୍ରକୃତିର ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ନିଆଯିବ। ଅନେକ ସ୍ଥାନରେ ମନୁଷ୍ୟକୃତ ବନାଗ୍ନି ହେଉଥିବା ଦୃଷ୍ଟିରୁ ଗୋଷ୍ଠୀ ସହଭାଗିତାରେ ଏହାକୁ ରୋକିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ କର୍ମଚାରୀଙ୍କୁ ତାଲିମ ସହ ଜଙ୍ଗଲ ନିକଟରେ ବସବାସ କରୁଥିବା ଲୋକଙ୍କୁ ନୃତ୍ୟ, ସଙ୍ଗୀତ ମାଧ୍ୟମରେ ସଚେତନ କରାଯାଉଛି। ତେବେ ଏଭଳି ଆଗୁଆ ଯୋଜନାର ସଫଳତା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାରଣ ଗତ ୭ ଦିନ ମଧ୍ୟରେ ୪୬ଟି ସ୍ଥାନରେ ବନାଗ୍ନି ଚିହ୍ନଟ ହେଲାଣି। ଆଜି ଦିନରେ ୪ଟି ସ୍ଥାନରେ ଜଙ୍ଗଲ ଜଳୁଛି। ଦେଶର ୧୧ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଥିଲେ ମଧ୍ୟ ଓଡ଼ିଶାରେ ଆଦୌ ଚିହ୍ନଟ ହୋଇ ନାହିଁ। ବନ ବିଭାଗ ତଥ୍ୟ ଅନୁଯାୟୀ ଗତ ୩ ବର୍ଷ ମଧ୍ୟରେ ବନାଗ୍ନି ପରିଚାଳନା ପାଇଁ ରାଜ୍ୟ କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ଯଥା ବନାଗ୍ନି ପ୍ରଶମିତ ପରିଚାଳନା ଓ କାମ୍ପା ଫଣ୍ଡରୁ ଅର୍ଥ ଖର୍ଚ୍ଚ କରାଯାଇଛି। ୨୦୨୦ରେ ୮୪%, ୨୦୨୧ରେ ୮୦% ଓ ୨୦୨୨ରେ ୯୨% ଓ ୨୦୨୩ରେ ୯୬% ବନାଗ୍ନି ପ୍ରଶମନ କରିବାରେ ସଫଳତା ମିଳିଛି। ରାଜ୍ୟ ବନ୍ୟପ୍ରାଣୀ ସଂସ୍ଥା ଦ୍ୱାରା ଗତ ୩ ବର୍ଷରେ ୧୯ କୋଟି ୮୬ ଲକ୍ଷ ୧୮ ହଜାର ଟଙ୍କା ବନାଗ୍ନି ପ୍ରଶମନ ଓ ଆୟତ୍ତ କରିବାରେ ବିନିଯୋଗ ହୋଇଛି। ୨୦୨୦-୨୧ରେ ୫କୋଟି ୯୮ଲକ୍ଷ ୮୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୦୨୧-୨୨ରେ ୭ କୋଟି ୩୪ ଲକ୍ଷ ୬୪ ହଜାର ଓ ୨୦୨୨-୨୩ରେ ୬କୋଟି ୫୨ ଲକ୍ଷ ୭୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ ରାଜ୍ୟର ବିଭିନ୍ନ ବନଖଣ୍ଡରେ ସଙ୍ଗଠିତ ହେଉଥିବା ବନାଗ୍ନି ଭୂପୃଷ୍ଠୀୟ। ଏଥିଯୋଗୁଁ କୌଣସି ବୃକ୍ଷ ସମ୍ପଦ, ବନ୍ୟଜନ୍ତୁ ନଷ୍ଟ ହୋଇ ନ ଥାଆନ୍ତି। ଜନସାଧାରଣଙ୍କ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହୁଏ ନାହିଁ। କେବଳ ଜଙ୍ଗଲ ପୃଷ୍ଠରେ ପଡ଼ିଥିବା ଶୁଖିଲା ପତ୍ର, ଲତା ଓ ଗୁଳ୍ମ ବନାଗ୍ନି ପାଇଁ ନଷ୍ଟ ହୋଇଥାନ୍ତି।

# କଣ୍ଟାପାଳ ହାଇସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



ମୟୂରଭଂଜ, ୨୪/୧ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ,କଣ୍ଟାପାଳ ପରିସରରେ ଭାରତର ମୁକ୍ତି ସଂଗ୍ରାମର ମହାନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଧାପକ ସମରେନ୍ଦ୍ର ବଶା ଯୋଗଦେଇ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବାନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଅବସରରେ କୃତୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ହାବୋଡ଼ା ଙ୍କୁ ପୁରସ୍କୃତ କରାଯାଇଥିଲା।ପ୍ରାରମ୍ଭରେ ଦୁଇ ବରପୁତ୍ରଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ,ମହେଶ ସେଠୀ ଓ ଶିକ୍ଷୟିତ୍ରୀ ଲକ୍ଷ୍ମୀ କୁମାରୀ, ନିବେଦିତା ନାଏକ, ଦେବସ୍ମିତା ମହାନ୍ତ, ଅନିଶା ବେହେରା,ସୁମିତ୍ରା ତରେଇ ଓ ମିଲି ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# କୁଣ୍ଡା ବୋଝେଇ ଗାଡ଼ିରୁ ୬୩୧ କେଜି ଗଞ୍ଜେଇ ଜବତ:୨ ଅଟକ

ମାଲକାନଗିରି, ୨୪/୧ (ନି.ପ୍ର): ଉପରେ କୁଣ୍ଡା, ଭିତରେ ଗଂଜେଇ। ଏହିପରି ଭାବରେ ଗଂଜେଇ ଚାଲାଣ କରାଯାଉଥିବାବେଳେ କାଲିମେଲା ପୁଲିସ ଏକ ଟ୍ରକ ସହ ବିପୁଳ ପରିମାଣର ଗଂଜେଇ ଜବତ କରିବାରେ ସଫଳ ହୋଇଛି। ଏଥି ସହିତ ୨ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

ଆଜି ସକାଳେ ସବୁଦିନ ପରି କାଲିମେଲା ଫାୟାର ଷ୍ଟେସନ ନିକଟରେ ଥିବା ନାକାରେ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନେତୃତ୍ୱରେ ପୁଲିସ ଯାନବାହାନ ଯାଂଚ୍ କରୁଥିଲା। ତେବେ ମାଲକାନଗିରି ପଟୁ ମୋଟୁ ଯାଉଥିବା ଏକ ଆଇଚର ଟ୍ରକକୁ ପୁଲିସ ସନ୍ଦେହରେ ଯାଂଚ୍ କରିଥିଲା। ଯାଂଚ୍ ବେଳେ ଟ୍ରକରେ ବସ୍ତା ବସ୍ତା କୁଣ୍ଡା ଥିବାବେଳେ ଟ୍ରକ ର ଡ଼ାଲା ଭିତରେ ଏକ ସିକ୍ରେଟ୍ ଚାମ୍ବରରେ ୬୩୧ କିଲୋ ଗଂଜେଇ ଥିବା ଦେଖାଯାଇଥିଲା। ଏହି ଗଂଜେଇକୁ ପ୍ୟାକେଟ କରାଯାଇ ଚାମ୍ବର ଭିତରେ ଲୁଚାଇ ରଖାଯାଇ ଉପରେ କୁଣ୍ଡା ବସ୍ତା ରଖାଯାଇଥିଲା। ବିଭିନ୍ନ ପ୍ୟାକଟରେ ଅତି ସତର୍କତାର ସହିତ ଏହି ଗଂଜେଇ ସବୁ ରଖାଯାଇ ହାଇଦ୍ରାବାଦକୁ ଚାଲାଣ କରାଯାଇଥାନ୍ତା। ଜବତ ଗଂଜେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଓଜନ କରିବାରୁ ସେଥିରେ ୬୩୧ କେଜି ଗଂଜେଇ ରହିଥିବାର ଜଣାପଡ଼ିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ଘଟଣାରେ କାଲିମେଲା ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଚିକିତ୍ସା ଅଭାବରୁ ଗର୍ଭବତୀ ହରିଣୀର ମୃତ୍ୟୁ

ଜୟପୁର, ୨୪/୧ (ନି.ପ୍ର): ଠିକ୍ ସମୟରେ ଚିକିତ୍ସା ନପାଇବାରୁ ଅସୁସ୍ଥ ହରିଣୀର ମୃତ୍ୟୁ ଘଟିଛି। ହରିଣୀଟି ଗର୍ଭବତୀ ଥିବା ଜଣାପଡିଛି। ଘଟଣା ଅନୁଯାୟୀ, ବୈପାରିଗୁଡାକୁ ଲାଗି ରହିଥିବା ପାହାଡ଼ରୁ ଗୋଟିଏ ହରିଣୀ ଆଜି ଗୁଣ୍ଠାଗୁଡା ଗ୍ରାମ ନିକଟକୁ ଚାଲି ଆସିଥିଲା। ସେ ପାଣି ପିଉଥିବା ସମୟରେ ଗ୍ରାମବାସୀ ମାନେ ତାକୁ ଦେଖିବାକୁ ପାଇଥିଲେ। ତେବେ ଲୋକଙ୍କୁ ଦେଖି ହରିଣୀଟି ଯାଇନଥିଲା। ଲୋକେ ତା ପାଖରେ ପହଂଚି ଧରିବା ପରେ ଜାଣିପାରିଲେ ଯେ ହରିଣୀଟି ଗର୍ଭାବସ୍ଥା ସହ ଅସୁସ୍ଥ। ସାଙ୍ଗେ ସାଙ୍ଗେ ଗ୍ରାମବାସୀ ମାନେ ବୈପାରିଗୁଡା ସ୍ଥିତ ବନ ବିଭାଗକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ବନ ବିଭାଗ କର୍ମଚାରୀମାନେ ଅସୁସ୍ଥ ହରିଣୀର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟରେ ପହଂଚି ଥିଲେ। ତେବେ ପ୍ରାଣୀ ଚିକିତ୍ସକ ଆନ୍ଦୋଳନରେ ଯୋଗ ଦେଇଥିବାରୁ ଅସୁସ୍ଥ ହରିଣୀଟିର ଚିକିତ୍ସା ହୋଇପାରିଲା ନାହିଁ ଏବଂ ସେ ମୃତ୍ୟୁବରଣ କଲା। ତେବେ ଚିକିତ୍ସା ଅଭାବରୁ ଗୋଟିଏ ନିରୀହ ପ୍ରାଣୀ ମୃତ୍ୟୁବରଣ କରିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ପ୍ରାଣୀ ଚିକିତ୍ସା ବିଭାଗକୁ ଦାୟୀ କରିବା ସହ ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ର ସରକାରଙ୍କ ସମନ୍ୱିତ ରୋଗ ପୋକ ପରିଚାଳନା ପକ୍ଷରୁ ଆଭିମୁଖୀକାରଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୪/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଂଟା ପଂଚାୟତର ଆମ୍ଭେର ଗ୍ରାମରେ ଭୁବନେଶ୍ୱର ସ୍ଥିତ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ପକ୍ଷରୁ ଦୁଇଦିନିଆ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ଜୀବନ କୃଷ୍ଣ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ଅଧିକାରୀଙ୍କ କୃଷିଭିତିକ ଆଭିମୁଖୀକରଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥି ସହିତ ରାସାୟନିକ ପଦ୍ଧତି ପରିବର୍ତେ ଜୈବିକ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହେବାକୁ ଚାଷୀଙ୍କୁଉତ୍ସାହିତ କରିଥିଲେ। କେନ୍ଦ୍ରମୁଖ୍ୟ ରାଜେନ୍ଦ୍ର ପ୍ରଧାନ ରାସାୟନିକ କୃଷି ଉତ୍ପାଦନର ଅପକାରିତା ଏବଂ ଜୈବିକ ପଦ୍ଧତିରେ ଉପକାରିତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଏହା ବ୍ୟତୀତ କୃଷିରେ ବ୍ୟବହୃତ ବିଭିନ୍ନ ଯନ୍ତ୍ର ବ୍ୟବହାର, ବିହନ ବିଶୋଧନର ପ୍ରୟୋଜନ, ଉଦ୍ଭିଦ ବିଜ୍ଞାନ ଉତ୍ପାଦନ, ଆଇ ପି ଏମ ପଦ୍ଧତିରେ ପନିପରିବା ଚାଷ କରିବା ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବା ସହ ବୈଜ୍ଞାନିକ ପ୍ରଦର୍ଶନୀ କରାଯାଇଥିଲା। ତେବେ ଉନ୍ନତ ପ୍ରଣାଳୀରେ ଚାଷୀମାନେ କିପରି ଅଧିକରୁ ଅଧିକ ଲାଭବାନ ହୋଇ ପାରିବେ ସେନେଇ ବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଭାଶିଷ ସ୍ୱାଇଁ, ମଧୁମିତା ପାତ୍ର ସୁତପା ରାୟ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୃକ୍ଷ ରୋପଣ ଓ ସ୍ୱଚ୍ଛ ଭାରତର ବାର୍ତା ନେଇ ସହୀଦ ଲକ୍ଷ୍ମଣ ନାଏକଙ୍କ ଜନ୍ମ ମାଟିରୁ ମାଲକାନଗିରିକୁ ସାଇକେଲ ଯାତ୍ରା କଲେ ବୃଦ୍ଧ

ମାଲକାନଗିରି, ୨୪/୧ (ନି.ପ୍ର): ବୃକ୍ଷ ରୋପଣ ଓ ସ୍ୱଚ୍ଛ ଭାରତର ବାର୍ତା ନେଇ ସହୀଦ ଲକ୍ଷ୍ମଣ ନାଏକଙ୍କ ଜନ୍ମ ମାଟିରୁ ମାଲକାନଗିରିକୁ ସାଇକେଲ ଯାତ୍ରା କଲେ ବୃଦ୍ଧ। ପବିତ୍ର ନେତାଜୀ ସୁଭାଷ ବୋଷଙ୍କ ୧୨୭ତମ ଜୟନ୍ତୀ ଉତ୍ସବ ଅବସରରେ ସହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳି ଗୁମା ଠାରୁ ଦୀର୍ଘ ୭୭ କିଲୋମିଟର ଦୂର ମାଲକାନଗିରି ଜିଲ୍ଲାକୁ ସାଇକେଲ ଯାତ୍ରା କରିଛନ୍ତି କୋରାପୁଟ ଜିଲ୍ଲା ସିମିଳିଗୁଡା ଗ୍ରାମର ଏସ. ଚିନ୍ନା ରାଓ ନାମକ ଜଣେ ବୃଦ୍ଧ । ବର୍ତମାନ ପରିସ୍ଥିତିରେ ସମଗ୍ର ଦେଶ ଓ ରାଜ୍ୟ ଗୁଡ଼ିକରେ ପରିବେଶ ଦୂଷିତ ହେବା ସହିତ ସବୁଜ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ପ୍ରତ୍ୟେକ ସ୍ଥାନରେ ବୃକ୍ଷ ରୋପଣ କରି ଜଙ୍ଗଲ ସୁରକ୍ଷିତ ରଖିବା ପ୍ଲାଷ୍ଟିକ ଜରି ବର୍ଜନ କରି ପରିବେଶକୁ ସୁରକ୍ଷିତ ରଖିବା ସହିତ ସ୍ୱଚ୍ଛ ଭାରତର ସଚେତନତା ବାର୍ତା ଲୋକମାନଙ୍କ ନିକଟରେ ପହଂଚାଇବା ତାଙ୍କ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି ଶ୍ରୀ ରାଓ ପ୍ରକାଶ କରିଛନ୍ତି। ଶ୍ରୀ ରାଓ ତେନ୍ତୁଳିଗୁମ୍ମାରେ ପହଂଚିବା ପରେ ସେଠାରେ ସହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ସହିଦଙ୍କ ପରିବାରଙ୍କୁ ଭେଟିବା ସହିତ ତେନ୍ତୁଳିଗୁମା ଗ୍ରାମରେ କିଛି ବୃକ୍ଷ ରୋପଣ କରି ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷାର ବାର୍ତା ଦେଇଥିଲେ। ଆଜି ମାଲକାନଗିରିରେ ପହଂଚିଲା ପରେ ସ୍ଥାନୀୟ ସୁବାଷ ବୋଷ ଛକଠାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ନେତାଜୀ ଟାଉନ କ୍ଲବ ସଭାପତି ଡି ଚିନାରାଓ, ଜି ଶ୍ରୀ ନିବାସ ରାଓ, ସାମ୍ବାଦିକ ରତ୍ନାକର ଦାଶଙ୍କ ସହିତ ମାଲକାନଗିରିର ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସୁବାଷ ବୋଷ ଟାଉନ କ୍ଲବ ର ସଦସ୍ୟମାନେ ଶ୍ରୀ ରାଓଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ସମାଜସେବୀ ଚିଟି ବାବୁ ରାସ୍ତାରେ ଜଳଖିଆ ଓ ଭୋଜନ କରିବା ପାଇଁ ଶ୍ରୀ ରାଓଙ୍କୁ କିଛି ଅର୍ଥ ପ୍ରଦାନ କରିଥିଲେ।

ଶ୍ରୀ ରାଓ ଜଣେ ବହୁମୁଖୀ ପ୍ରତିଭାର ବ୍ୟକ୍ତି ଅଟନ୍ତି । ପୂର୍ବରୁ ସେ ଦେଓମାଳି ଓ ପୁଟଶିଲ ପାର୍ବତ୍ୟ ରୋହଣ କରି ବିଏସଏଫ ପକ୍ଷରୁ ସମ୍ମାନିତ ହେବା ସହିତ ଅନ୍ୟାନ୍ୟ ସଚେତନତା ବାର୍ତା ଦେଇ ପରବ ଓ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ବୃଦ୍ଧ ବୟସରେ ତାଙ୍କର ସାଇକେଲ ଚାଳନା ଓ ସଚେତନତା ବାର୍ତା ଦେବା ଘଟଣା ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି।

# ମୁଣ୍ଡାରୀ ସମ୍ପ୍ରଦାୟର ସାର୍ବଜନୀନ ବୁରୁବଙ୍ଗା ମହୋତ୍ସବ ଉଦ୍‌ଯାପିତ

ବଡସାହି, ୨୪/୧ (ନି.ପ୍ର): ବଡସାହି ପଂଚାୟତ କେନ୍ଦୁଆସାହି ବିର୍ସା ମଇଦାନରେ ଦିଶୁମ ବୁରୁବଙ୍ଗା, ବୁରୁବଙ୍ଗା ସାସାଂକିର୍ କମିଟି ଓ ବୁରୁବଙ୍ଗା ଯୁବକ ସଂଘ ଆନୁକୂଲ୍ୟରେ ମୁଣ୍ଡାରୀ ସମ୍ପ୍ରଦାୟ ତରଫରୁ ୧୧ତମ ବାର୍ଷିକ "ବୁରୁବଙ୍ଗା ମହୋତ୍ସବ" ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରେ ମୁଣ୍ଡାରୀ ସମ୍ପ୍ରଦାୟର ପାହାନ୍ ଗମ୍‌କେ(ପୁରୋହିତ) ବସନ୍ତ କୁମାର ସିଂ, ପାହାନ୍ ମହାଦେବ ସିଂ, ସନାତନ ସିଂ, ବାଦଲ ସିଂ ଓ ରମେଶ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ରହି ମୁଣ୍ଡାରୀ ସମ୍ପ୍ରଦାୟର ଆରାଧ ଦେବତା ବୁରୁବଙ୍ଗା ଓ ବିର୍ସା ମୁଣ୍ଡାଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିଛନ୍ତି। ଅଏତଇ ଅବସରରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ମୁଣ୍ଡା ସମାଜର ସଭାପତି ରବିନ୍ଦ୍ର ନାଥ ସିଂ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ. ସମ୍ପାଦକ ବାଇଧର ସିଂ, ଯୁବ ସଭାପତି ସବରନ ସିଂ ପ୍ରମୁଖ ଯୋଗଦେଇ ମହୋତ୍ସବର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଛନ୍ତି। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାରୀ ଭାଷା ସମନ୍ୱୟ ସମତିର ଉପଦେଷ୍ଟା ତଥା ମୁଣ୍ଡାରୀ ଫିଲ୍ମ ନିର୍ମାତା ତଥା କଳାକାର ଦଶରଥ ସିଂ, ସମ୍ମାନୀତ ଅତିଥି ଭାବେ ମୁଣ୍ଡାରୀ ଭାଷାର ଆବାହକ ବୈଦ୍ୟନାଥ ସିଂ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୁଦନ ସିଂ, ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ବେତନଟୀ ବ୍ଲକ୍ ସଭାପତି ତପନ ସିଂ, ରଥ ସିଂ, ରୁହ୍ୟା ସିଂ ଓ ଶ୍ୟାମାଖୁଂଟା ବ୍ଲକ୍‌ର ସଦସ୍ୟ ସୁକଦେବ ସିଂ ପ୍ରମୁଖ ଯୋଗ ଦେଇଛନ୍ତି। ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟର ଆରାଧ୍ୟ ଦେବତା ବୁରୁବଙ୍ଗାଙ୍କ ଆର୍ଶିବାଦ କାମନା କରି ସମସ୍ତ ଜୀବଜଗତର ହିତ କାମନା କରିବା ସହିତ ସମାଜରେ ଭାଇଚାରାର ସମ୍ପର୍କକୁ ଦୃଢ କରିବା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଣ୍ଡାରୀ ଶିକ୍ଷୟିତ୍ରୀ ମୁନୁମଣୀ ସିଂ, ଖୁଂଟ ବ୍ଲକ୍ ମୁଣ୍ଡାରୀ ଭାଷା ସମନ୍ୱୟ ସମତିର ସଭାପତି ରାଙ୍ଗା ସିଂ, ସମ୍ପାଦକ ସିଂଜୟ ସିଂ, ଲମ୍ବୋଦର ସିଂ, ସମବାରୀ ସିଂ ଓ ସମାଜସେବୀ ଗୀତାଞ୍ଜଳୀ ସିଂ ପ୍ରମୁଖ ଉପସ୍ଥିତ ହୋଇ କର୍ମକର୍ତାମାନଙ୍କୁ ଉତ୍ସାହିତ କରିଛନ୍ତି। ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଧିଆ ସିଂ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଂଚ ପରିଚାଳନା କରିଛନ୍ତି। ପାଖଆଖ ଗାଁ ଗଣ୍ଡା ମାନଙ୍କରୁ ଶତାଧିକ ମହିଳା ପୁରୁଷ ଯୁବତୀ ଯୁବକ ଭଗବାନ ବୁରୁବଙ୍ଗା ଓ ଭଗବାନ ବିର୍ସା ମୁଣ୍ଡାଙ୍କୁ ଭୋଗ ସମର୍ପଣ କରି ପୂଜା ଆରାଧନା କରିଛନ୍ତି। ଶେଷରେ କମିଟିର ଉପସଭାପତି ପୁଲକ କୁମାର ସିଂ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ମହୋତ୍ସବ ୨ଦିନ ଧରି ଚାଲିବାକୁ ଥିବା ବେଳେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଓ ଆଦିବାସୀ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ବେଲପାଳ, ପାଉଁଶିଆ, କଇଁଶାଳୀ, ବ୍ରହ୍ମାତଟା, ଧନାସାହି, ଛେଳିଆ, ବିରେଶ୍ୱରପୁର, ପୂର୍ଣ୍ଣଚନ୍ଦ୍ରପୁର, ରଙ୍ଗାମାଟିଆ, ବାଉଁଶବିଲା ଓ ଡାହିସାହି ସିଭିଲ ସାର୍ଜମ ସୁସୁନ ଦଳ ନୃତ୍ୟର ତାଳେ ତାଳେ ଯୁବତୀ ଯୁବକମାନେ ପାଦକୁ ପାଦ ମିଳାଇ ଝୁମି ଥିବାର ଦେଖାଯାଇଛି।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୪ ପାଳନ

ଝାରସୁଗୁଡ଼ା, ୨୪/୧ (ନି.ପ୍ର): ୨୪ ଜାନୁଆରୀ :(ହିସ)ଝାରସୁଗୁଡା ଜିଲ୍ଲାରେ ଆଜି ତା୨୪.୦୧.୨୦୨୪ ରିଖ ବୁଧବାର ଦିନ ଜିଲ୍ଲାପାଳ ଅବୋଲି ସୁନୀଲ ନରବନେଙ୍କ ଅନୁମୋଦନକ୍ରମେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଝାରସୁଗୁଡା ତରଫରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୪ ପାଳନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଅଦ୍ୱିକ। କାର୍ଯ୍ୟକ୍ରମରେ ସାମିଲ ଥିବା ଶତାଧିକ ବାଳିକା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ମୁଖ୍ୟ ଅତିଥି ଥିବା ସ୍ଥଳେ ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଆଶିଷ କୁମାର ପଣ୍ଡା ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ମଂଚାସୀନ ହୋଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏତଦବ୍ୟତୀତ ଜିଲ୍ଲାର ସମସ୍ତ ୭ଟି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନେ ଯୋଗଦେଇଥିଲେ। ପ୍ରିୟଙ୍କା ସାମଲ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନିକ ସୁରକ୍ଷା ଅଧିକାରୀ ସ୍ୱାଗତ କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଆସିଥିବା ସମସ୍ତ ଅଦ୍ୱିକ। କାର୍ଯ୍ୟକ୍ରମରେ ସାମିଲ ଥିବା ଶତାଧିକ ବାଳିକା ମାନେ ନୃତ୍ୟ, ଗୀତ, ଚିତ୍ରାଙ୍କନ ଆଦି ପରାକାଷ୍ଠା ପ୍ରତିପାଦନ କରିଥିଲେ। ପରିଶେଷରେ ଭଲ ପାରଦର୍ଶିତା ହାସଲ କରିଥିବା ୭ଜଣ ବାଳିକାମାନଙ୍କୁ ପୁରସ୍କାର ସହ ମାନପତ୍ର ଦେଇ ସମ୍ମାନିତ କରଯାଇଥିଲା। ଶେଷରେ ଦସ୍ତଖତ ଅଭିଯାନ ପୂର୍ବକ କାର୍ଯ୍ୟକ୍ରମ ସମାପ୍ତି ହୋଇଥିଲା।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା, ୨୪/୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ମୁନିମତୀ ଜୟନ୍ତୀ ଗିରି ଙ୍କ ନାତି ତଥା ଶ୍ରୀଯୁକ୍ତ ସୁବ୍ରତ ଗିରି-ଶ୍ରୀମତୀ ସରସ୍ୱତୀ ଗିରିଙ୍କ ସୁପୁତ୍ର ଆୟୁଷ୍ମାନ୍ ଶୁଭ୍ରାଂଶୁ ଙ୍କର ଦ୍ୱିତୀୟ ଶୁଭ ଜନ୍ମଦିନ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ବକ୍ତା ଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ଅତିଥି ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା। ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା ମହୋଦୟା,ମୁନିମତୀ ବାସନ୍ତୀ ପରିଡ଼ା, ଯମୁନା ପାତ୍ର, ମୁନିମତୀ ନୀନ ସାହୁ, ଯମୁନା ବର,ପ୍ରମିଳା ବେହେରା ମୁନି ସତ୍ୟ ସେନାପତି, ମୁନି ଗଣେଶ୍ୱର ବର ପ୍ରମୁଖ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ଶୁଭ୍ରାଂଶୁ ଙ୍କୁ ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ସେଇ ପରିବାର ଧନ୍ୟ, ଯେଉଁ ପରିବାରରେ ପ୍ରତିଦିନ ପ୍ରଣବର ଓ କାର ନାଦ ଉଚ୍ଚାରିତ ହୋଇଥାଏ।ସେଇ ସନ୍ତାନମାନେ ଧନ୍ୟ, ଯେଉଁ ମାନଙ୍କର ପିତା ମାତା ପ୍ରତିଦିନ ପ୍ରଣବ ଜପ କରି ବ୍ରହ୍ମର ଉପାସନା କରନ୍ତି। ସେହି ସନ୍ତାନମାନେ ଧନ୍ୟ, ଯେଉଁ ମାନେ, ସେମାନଙ୍କର ପିତା ମାତାଙ୍କୁ ଈଶ୍ୱରଙ୍କ ସତ୍ତାର ପ୍ରତିମୂର୍ତ୍ତି ହିସାବରେ ଦେଖିବାରେ ସକ୍ଷମ ହୋଇଥାନ୍ତି। ଏହା ବକ୍ତା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପିତା ମାତା ସଂସ୍କାରିତ ଥିଲେ, ସେମାନଙ୍କର ସଂସ୍କାରର ପ୍ରଭାବ ସନ୍ତାନମାନଙ୍କ ଉପରେ ନିଶ୍ଚିତ ପଡ଼ିଥାଏ। ପ୍ରତିଦିନ ମୁନି ସମାଜର ଯୋଗ ସାଧନ କରି ଚାଲିଲେ, ଶାରିରୀକ ମାନସିକ ପାରିବାରିକ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ଆପେ ଆପେ ହୋଇଯାଉଥାଏ। ଏହା ବହୁ ପରୀକ୍ଷିତ। ଏହା ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ମୁନିକୁମାରୀ ମିନତୀ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଭିଜିଲାନ୍ସ ଜାଲରେ ....

ସେମାନେ ଜଣଙ୍କୁ ଲାଞ୍ଚ ମାଗିଥିଲେ। ଉକ୍ତ ମହିଳା ଏନେଇ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କୁ ଜଣାଇଥିଲେ। ଏହାପରେ ବାରିପଦା ଭିଜିଲାନ୍ସ ୟୁନିଟ ଦୁଇ ଲାଞ୍ଚୁଆ କର୍ମଚାରୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ବୁଧବାର ପୂର୍ବ ଯୋଜନା ମୁତାବକ ପ୍ରଦୀପ୍ତ ଏବଂ ଲକ୍ଷ୍ମଣ ବ୍ଲକ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ମାଡ଼ି ବସିଥିଲା ଭିଜିଲାନ୍ସ ଟିମ। ପ୍ରଦୀପ୍ତ ଓ ଲକ୍ଷ୍ମଣଙ୍କ ବାରିପଦା ବାସଭବନରେ ଭିଜିଲାନ୍ସ ଯାଞ୍ଚ କରିଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ବାରିପଦା ଭିଜିଲାନ୍ସ ଡିଏସପି।

## ଆଇପିଏସ୍ ସ୍ତରରେ...

ପୂର୍ବାଞ୍ଚଳ ଆଇଜି କରାଯାଇଥିବା ବେଳେ ଇଓଡବ୍ଲ୍ୟୁ, ଏସ୍‌ଟିଏଫ୍ ଆଇଜି ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ଶ୍ରୀ ପଙ୍କଜ ଇଓଡବ୍ଲ୍ୟୁ,ଏସଟିଏଫ ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ହେଡକ୍ୱାର୍ଟର ଏଆଇଜିପି ଥିବା ବି. ଯୁଗଳ କିଶୋରଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସଂପଦଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି। ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ରାୟଗଡ଼ା ଏସ୍‌ପି ଥିବା ବିବେକାନନ୍ଦ ଶର୍ମାଙ୍କୁ ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟକୁ ଏଆଇଜିପି ଭାବେ ବଦଳି କରାଯାଇଛି। ବରିଷ୍ଠ ଓପିଏସ୍ ତଥା ଢେଙ୍କାନାଳ ଏସ୍‌ପି ଜ୍ଞାନରଂଜନ ମହାପାତ୍ରଙ୍କୁ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ସୋନପୁର ଏସ୍‌ପି ତଥା ଓପିଏସ୍ ଅମରେଶ ପଣ୍ଡାଙ୍କୁ ଏଆଇଜିପି ଭାବେ ପୁଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି। ଦେବଗଡ଼ ଏସ୍‌ପି ପି.କେ ମିଶ୍ରଙ୍କୁ ରାଉରକେଲା ରେଲୱେ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ରାମ ପ୍ରସାଦ ସାହୁ ହୋଇଛନ୍ତି ଦେବଗଡ଼ ଏସ୍‌ପି। ଜୟପୁର ଏସ୍‌ଡିପିଓ ହରିଶ ବି.ସିଙ୍କୁ ରାୟଗଡ଼ା ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ବାଲିଗୁଡ଼ା ଏସ୍‌ଡିପିଓ ୟଶ୍ ପ୍ରତାପ ଶ୍ରୀମଲ ହୋଇଛନ୍ତି ସୋନପୁର ଏସ୍‌ପି। ୨୦୨୦ ବ୍ୟାଚ୍‌ର ଏହି ଦୁଇ ଆଇପିଏସ୍ ଅଫିସରଙ୍କୁ ଏସ୍‌ପି ଭାବେ ପଦୋନ୍ନତି ମିଳିଛି।

## ବାଙ୍ଗିରିପୋଷି ଘାଟିରେ ଓଲଟିଲା ...

ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିକୁ ମୟୂରଭଞ୍ଜ ଜିଲ୍ଲାର ଲାଇଫଲାଇନ୍ କୁହାଯାଉଥିବା ବେଳେ ଏବେ ଘାଟି ରାସ୍ତା ମରଣଯନ୍ତା ପାଲଟିଛି। ବାଙ୍ଗିରିପୋଷି ଘାଟିର ୯ କିଲୋମିଟର ରାସ୍ତା ଶିମିଳିପାଳ ଜୈବ ମଣ୍ଡଳ ଅଧୀନରେ ଆସୁଥିବାରୁ ଏହାର ସମ୍ପ୍ରସାରଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅଟକି ରହିଛି। ଫଳରେ ଏହି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଲାଣି। ଏହି ଘାଟି ରାସ୍ତାରେ ଗତ ଦୁଇ ବର୍ଷ ମଧ୍ୟରେ ୧୬୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୨ ଶହରୁ ଅଧିକ ଗୁରୁତର ହୋଇ ପଙ୍ଗୁ ହୋଇଯାଇଛନ୍ତି। ଆଜିର ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୃତକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାସହିତ ଆହତ ବ୍ୟକ୍ତି ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ସେ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି ଯେ ଏହି ଘଟଣାକୁ ନେଇ ସେ ଅତ୍ୟନ୍ତ ଦୁଃଖିତ ଓ ଗଭୀର ଭାବରେ ମର୍ମାହତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

## କଲବଲ କରୁଛି ...

ବର୍ତ୍ତମାନ ଦିନ ଓ ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦିନ ତମାମ ଥଣ୍ଡା ଅନୁଭୂତ ହେଉଛି। ଖାସ୍ କରି ଦେଖିଲେ, ଝାରସୁଗୁଡ଼ାରେ ଦିନର ତାପମାତ୍ରା ୧୮.୨ ଡିଗ୍ରୀ ରେକର୍ଡ କରାଯାଇଛି। ଆଜି ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲାର ତାପମାତ୍ରା ୨୦ ଡିଗ୍ରୀ ଭିତରେ ରେକର୍ଡ ହେବାର ସମ୍ଭାବନା ରହୁଛି ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି।

## ଛାତ୍ରଙ୍କ ଚେତାବନୀ ପରେ...

ବିରୋଧ ପ୍ରଦର୍ଶନ କରିବା ପରେ ପ୍ରଶାସନ ତରଫରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଶେଷଥର ପାଇଁ ୨୦୧୯ ମସିହାରେ ଜେଏନୟୁରେ ଛାତ୍ରସଂଘ ନିର୍ବାଚନ ହୋଇଥିଲା। ଜେଏନୟୁରେ ଛାତ୍ରସଂଘ ନିର୍ବାଚନ କରିବାକୁ ଛାତ୍ର ସଂଗଠନମାନେ ବାରମ୍ବାର ଦାବି କରିବା ସହ ବିରୋଧ ପ୍ରଦର୍ଶନ କରୁଥିଲେ। ଏହାସହ ଫେବୃଆରୀ ୨ ତାରିଖ ସୁଦ୍ଧା ନିର୍ବାଚନ ନେଇ ନିଷ୍ପତ୍ତି ନିଆ ନ ଗଲେ ଅସହଯୋଗ ଆନ୍ଦୋଳନ କରିବାକୁ ଛାତ୍ରସଂଘ ପକ୍ଷରୁ ପ୍ରଶାସନକୁ ଚେତାବନୀ ଦିଆଯାଇଥିଲା। ଛାତ୍ରମାନଙ୍କର ଚେତାବନୀ ପରେ ପ୍ରଶାସନ ତରଫରୁ ନିର୍ବାଚନ କରିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ରହିଛି କି, ପିଏଚଡି ଛାତ୍ରଙ୍କ ସେଶନ ଆରମ୍ଭ ହେବାର ୬ ରୁ ୮ ସପ୍ତାହ ପରେ ନିର୍ବାଚନ କରାଯିବ। ଏହାସହ ନିର୍ବାଚନ ନେଇ ବିସ୍ତୃତ ଗାଇଡଲାଇନ ଡିନଙ୍କ କାର୍ଯ୍ୟାଳୟ ତରଫରୁ ଜାରି କରାଯିବ। ସୂଚନା ଥାଉ କି, ଏହା ପୂର୍ବରୁ ଜେଏନୟୁରେ ଛାତ୍ରସଂଘ ନିର୍ବାଚନ କରାଯିବ ନାହିଁ ବୋଲି କହି ପ୍ରଶାସନ ଦୃଢ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ଛାତ୍ର ସଂଗଠନ ତରଫରୁ ଏକ ବୟାନ ଜାରି କରି କୁହାଯାଇଥିଲା କି, ଯଦି ଫେବୃଆରୀ ୨ ତାରିଖ ସୁଦ୍ଧା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରା ନ ଯାଏ ତେବେ ଛାତ୍ର ସଂଗଠନଗୁଡିକ ପକ୍ଷରୁ ବଡ ପ୍ରଦର୍ଶନ କରାଯିବ।

## ଆସାମ ମୁଖ୍ୟମନ୍ତ୍ରୀଙ୍କୁ ...

ସମେତ କେସି ବେଣୁ ଗୋପାଳ, କହ୍ନେୟା କୁମାର ଏବଂ ଅନ୍ୟ ନେତାଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ବିଜେପି ପକ୍ଷରୁ ରାହୁଲଙ୍କୁ ଟାର୍ଗେଟ କରାଯାଇଥିବା ବେଳେ ଯିଏ ହିଂସାକୁ ଉସୁକାଇବ ତା ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛି ଦଳ। ଭାରତ ଯୋଡ ନ୍ୟାୟ ଯାତ୍ରା ୧୧ଦିନରେ ପହଁଚିଥିବା ବେଳେ ବାରପେଟା ଠାରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ଅଭିଯୋଗ ଆଣି କହିଛନ୍ତି, ହିମନ୍ତ ବିଶ୍ୱଶର୍ମା ଦେଶର ସବୁଠୁ ଭ୍ରଷ୍ଟ ଓ ଦୁର୍ନୀତିଖୋର ମୁଖ୍ୟମନ୍ତ୍ରୀ, ଅମିତ୍ ଶାହାଙ୍କ ହାତର କଣ୍ଢେଇ ସାଜି ତାଙ୍କ ନିର୍ଦ୍ଦେଶରେ ହିଁ ସେ କାମ କରିଥାନ୍ତି। ହିସାଂ ପାଇଁ ଉସୁକାଇବା ବାହାନାରେ ୨୫ରୁ ୨୫ ମାମଲା ରୁଜୁ କଲେ ବି ତାଙ୍କୁ କିମ୍ବା କଂଗ୍ରେସ କର୍ମୀଙ୍କୁ କୌଣସି ଫରକ ପଡିବନି ବୋଲି ରାହୁଲ କହିଛନ୍ତି। ସେପଟେ, ଭାରତ ଯୋଡ଼ ନ୍ୟାୟ ଯାତ୍ରା ବେଳେ ରାହୁଲଙ୍କ ସୁରକ୍ଷାରେ ଅବହେଳା ଅଭିଯୋଗ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ। ଆସାମରେ ରାହୁଲ ଗାନ୍ଧୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଉନଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଏଆଇସିସି ଅଧକ୍ଷ। ଜାନୁଆରୀ ୧୪ରୁ ମଣିପୁର ଥୌବାଲରୁ ଆରମ୍ଭ ହୋଇଛି କଂଗ୍ରେସର ଭାରତ ଯୋଡ ନ୍ୟାୟ ଯାତ୍ରା। ରାହୁଲଙ୍କ ନେତୃତ୍ୱରେ ଏହି ଯାତ୍ରା ୬୭ ଦିନରେ ୧୫ଟି ରାଜ୍ୟର ୧୧୦ଟି ଜିଲ୍ଲା ଦେଇ ୬, ୭୧୩ କିଲୋମିଟର ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛି ଦଳ।

# ସ୍ୱର୍ଗତଃ କୁମୁଦିନୀ ଦାଶଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର/ରଣପୁର, ୨୪/୧ (ନି.ପ୍ର): ସ୍ୱର୍ଗତଃ କୁମୁଦିନୀ ଦାଶ ଙ୍କର ସ୍ମୃତି ଉଦ୍ଦେଶ୍ୟ ରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ଜଣାଯାଇଛି। ଶ୍ରୀମତୀ ଦାଶଙ୍କ ବିୟୋଗ ର ଦ୍ୱାଦଶ ତିଥି ଅବସରରେ ତାଙ୍କର ଗାଁ ରଣପୁର ର କଙ୍କିଆ ସ୍ଥିତ ବାସଭବନଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ପରିଜନ, ପରିବାର ବର୍ଗ ଏବଂ ଶୁଭେଚ୍ଛୁ ସମ୍ମିଳିତ ହୋଇ ତାଙ୍କର ଆଦର୍ଶ ଜୀବନକୁ ସ୍ମରଣ କରିବା ସାଙ୍ଗକୁ ଦିବଙ୍ଗତ ଆତ୍ମା ର ସଦଗତି ଓ ଚୀର ଶାନ୍ତି କାମନା କରିଥିଲେ।ଶ୍ରୀମତୀ ଦାଶ ଙ୍କର ଗତ ଜାନୁଆରୀ ୧୨ ତାରିଖରେ ଦିଲ୍ଲୀଠାରେ ୭୨ବର୍ଷ ବୟସରେ ରେ ନିଧନ ଘଟିଥିଲା।ଜାନୁଆରୀ ୧୩ତାରିଖ ଦିନ ଦିଲ୍ଲୀର ଲୋଧି ରୋଡ଼ ସ୍ଥିତ ଶବଦାହ ସ୍ଥଳ ରେ ପରିବାର ତରଫରୁ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମତୀ ଦାଶ ତାଙ୍କର ପାଞ୍ଚ ପୁଅ ପ୍ରସିଦ୍ଧ ଜ୍ୟୋତିଷ ଶ୍ରୀଧର ଦାଶ, ପ୍ରତିଷ୍ଠିତ ଆଇନଜୀବୀ ଶିଶିର ଦାଶ,ସୁନାମଧନ୍ୟ ଚାଟାର୍ଡ ଏକାଉଣ୍ଟାଟ ସୁଧୀର ଦାଶ,ବିଶିଷ୍ଟ ବିଜ୍ଞାନବିତ ପ୍ରବୀର ଦାଶ ଏବଂ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରକାଶ ଦାଶ ତଥା ବୋହୂ ଅନୁପମା, ସଂଗୀତା, ସଂଘମିତ୍ରା,ସୀମା ଓ ନାତି ନାତୁଣୀ ମିକୁନ,ମାମାଲି, ଗୁଡ଼ିଆ,ବାବୁ, ରିଜୁ ଓ ବେବି ପ୍ରମୁଖ ଙ୍କୁ ଛାଡି ଯାଇଛନ୍ତି। ସ୍ୱର୍ଗତଃ କୁମୁଦିନୀ ଦାଶ ଏକାଧାରରେ ଜଣେ ସୃଜନଶୀଳ କବୟତ୍ରୀ, ଆଧ୍ୟାତ୍ମିକ ଉପାସକ, ଧର୍ମପରାୟଣ, ସରଳ, ସ୍ନେହୀ, ମିଷ୍ଟଭାଷୀ, ଦରଦୀ,ମେଳାପୀ ଓ ପରୋପକାରୀ ମହିଳା ଥିଲେ। ସେ ୧୯୫୨ମସିହା ଜୁନ ୧୫ ତାରିଖରେ ଓଡ଼ଗାଁ ବ୍ଲକ ର ସାନଗୋରୋଡ଼ା ଗ୍ରାମରେ ମାତା ଜେମା ଦେବୀ ଓ ପିତା ବୈଦ୍ୟନାଥ କରଙ୍କର ଔରସରୁ ଜନ୍ମଗ୍ରହଣ କରିଥିଲେ। ଶ୍ରୀମତୀ ଦାଶ ରଣପୁର ର କଙ୍କିଆ ଗ୍ରାମ ନିବାସୀ ସ୍ୱର୍ଗତଃ ପାଲୁଣୀ ଦେବୀ ଓ ସ୍ୱର୍ଗତଃ ଲିଙ୍ଗରାଜ ଦାଶ ଙ୍କର କନିଷ୍ଠ ପୁତ୍ର ପ୍ରଖ୍ୟାତ ପୁରୋହିତ ଗୋବିନ୍ଦ ଚନ୍ଦ୍ର ଦାଶ ଙ୍କୁ ବିବାହ କରିଥିଲେ।ପ୍ରଖର ଈଶ୍ୱର ବିଶ୍ୱାସୀ ସ୍ୱର୍ଗତଃ କୁମୁଦିନୀ ଦାଶ କୌଣସି ଆନୁଷ୍ଠାନିକ ଶିକ୍ଷା ପ୍ରାପ୍ତ କରି ନ ଥିଲେ ମଧ ଶ୍ରୀ ଜଗନ୍ନାଥ, ରାଧାକୃଷ୍ଣ, ଶିବଶମ୍ଭୁ ଓ ନୀଳମଧବଙ୍କୁ ପ୍ରାର୍ଥନା କରି ବହୁ ଭକ୍ତି କବିତା ରଚନା କରିଯାଇଛନ୍ତି। ଏପରି କି ଏହି ମହିୟସୀ ମହିଳା ମୃତ୍ୟୁ ର କିଛି କ୍ଷଣ ପୂର୍ବରୁ ଠାକୁର ଙ୍କ ଉଦ୍ଦେଶ୍ୟରେ ଗାୟନ କରିଥିବା କେତେକ ଭଜନ ଓ ଶୋକ୍ଳ ତାଙ୍କୁ ଚୀରସ୍ମରଣୀୟ କରି ରଖିବ। ଶ୍ରୀମତୀ ଦାଶ ଙ୍କର ବିୟୋଗରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ, ଅଧକ୍ଷ କିଶୋର ଦ୍ୱିବେଦୀ, ଉପାଧକ୍ଷ ଡ଼ଃ ନଳିନୀ ପତି, ମହାସଚିବ ଶିବ ରଞ୍ଜନ ବିଶ୍ୱାଳ, ମହିଳା ଶାଖା ଉପସଭାପତି ରୀତା ପାତ୍ର, ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା, ଓଡ଼ିଶା ପଜିଟିଭିର ପ୍ରତିଷ୍ଠାତା ଆଇନଜୀବୀ ସଂଜୀବ ମହାନ୍ତି, ସମାଜସେବୀ ବଦ୍ରୀ ମିଶ୍ର ଓ ବାଳକୃଷ୍ଣ ଷଡ଼ଙ୍ଗୀ,ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ରଣପୁର ବ୍ଲକ ର ପୂର୍ବତନ ଅଧକ୍ଷ ଗୋପୀନାଥ ଇନ୍ଦ୍ରଜୀତ, ପିଂପଲ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଗଣେଶ୍ୱର ନାୟକ, ଗୌରାଙ୍ଗପୁର ଗ୍ରାମପଞ୍ଚାୟତ ର ସରପଞ୍ଚ ପ୍ରଭାତ ପ୍ରଧାନ, ପ୍ରଧାନ ଶିକ୍ଷୟତ୍ରୀ ବିଦେଶିନୀ ପତି, ପ୍ରଧାନ ଶିକ୍ଷକ ସନ୍ତୋଷ ମିଶ୍ର,ଶିକ୍ଷକ ସତ୍ୟ ନାରାୟଣ କର, ଶିକ୍ଷୟିତ୍ରୀ ନିରୂପମା କର, ଆଇନଜୀବୀ ସୁକାନ୍ତ ପଟ୍ଟନାୟକ ଓ ବ୍ୟାଙ୍କ ମ୍ୟାନେଜର ଅଶୋକ ଉର୍ବାନ ସିଂହ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର **4443-GRC-CE-C- SO-05-2024, 24.01.2024**। ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତ ରାଷ୍ଟ୍ରପତିଙ୍କ ତରଫରୁ ମୁଖ୍ୟ ଇଞ୍ଜିନିୟର (con) / ସାଉଥ୍ / ଗାର୍ଡେନ୍ ରିଚ୍, ଏସ୍। ରେଲୱେ ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରିତ। ୱେବସାଇଟ୍ **www.ireps.gov.in**ରେ ନିମ୍ନଲିଖିତ ଟେଣ୍ଡର ଅପଲୋଡ୍ ହୋଇଛି ଧାର୍ଯ୍ୟ ତାରିଖର ୧୨.୦୦ ଘଣ୍ଟା ମଧ୍ୟରେ ଟେଣ୍ଡର ବନ୍ଦ ରହିବ। **କାର୍ଯ୍ୟଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା:** 3rd ଲାଇନ ଗଠନର ସବ୍-ବ୍ୟାଙ୍କ ପାର୍ଶ୍ୱ, ଛୋଟ ବ୍ରିଜ୍ ପଦ୍ଧତି ବ୍ୟାଙ୍କ, ସୁରକ୍ଷା କାର୍ଯ୍ୟ, ଷ୍ଟେସନ୍ ରୋଡ୍ ଆଭିମୁଖ୍ୟରେ ଆରସିସି ନିର୍ମାଣ, ପ୍ଲାଟଫର୍ମ ନମ୍ବର ୫ ଏବଂ ୬ ରେ ସନ୍ତୁଳନ କାର୍ଯ୍ୟ ପାଇଁ ଅତିରିକ୍ତ ବାଲାନ୍ସ କାର୍ଯ୍ୟର କାର୍ଯ୍ୟକାରିତା। ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନର ନାରାୟଣଗଡ-ଭଦ୍ରକ 3rd ଲାଇନ ପ୍ରକଳ୍ପ ଅନ୍ତର୍ଗତ ରାନିତାଲ ଷ୍ଟେସନ ୟାର୍ଡ ସହିତ ରାଣିତାଲ-ରାଣିତାଲ ଲିଙ୍କ କେବିନ କ୍ୟାବିନ ବିଭାଗ ସହିତ ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ ସହଯୋଗୀ p.way କାର୍ଯ୍ୟ କରିଥାଏ। **ପାଖାପାଖି ମୂଲ୍ୟ:** ୧୦.୩୯ କୋଟି **ବିଡ୍ ନିରାପତ୍ତା:** ୬,୬୯,୮୦୦ / -। **ସମାପ୍ତି ଅବଧି:** ୦୬ ମାସ। **ବନ୍ଦ ତାରିଖ:** ୧୫.୦୨.୨୦୨୪ ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି କ୍ଷେତ୍ରରେ ଏହି ଆଇଟମଗୁଡିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। N.B. : ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଭାଗ ନେବାକୁ ନିୟମିତ **www.ireps.gov.in** ପରିଦର୍ଶନ କରିପାରିବେ।

(PR-1060)


# ତାରକେଶ୍ୱର ଜନ୍ମ ଉତ୍ସବ ପାଳିତ

ଖୋର୍ଦ୍ଧା, ୨୪/୧ (ନି.ପ୍ର): ତିଥି ଅନୁଯାଇ ଶିବ ଲିଙ୍ଗ ତାରକେଶ୍ୱର ଜନ୍ମ ଉତ୍ସବ (ବିଗ୍ରହ ପ୍ରତିଷ୍ଠା ଦିବସ) ପାଳିତ ହୋଇ ଯାଇଛି। ଖୋରଧା ସହର ଟି. ଏଲ. ସି. (ବିଦ୍ୟୁତ୍ ଡିଭିଜନ) କର୍ମଚାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟର ସନ୍ନିକଟ ଏକ ଖୋଲା ଜାଗାରେ ହର ହର ମହାଦେବ, ତାରକେଶ୍ୱର ଦେବଙ୍କ ମନ୍ଦୀର କରାଯାଇ (ଲିଙ୍ଗ) ଶିବ ବିଗ୍ରହ ସ୍ଥାପନ ୧୯୮୦ ଜାନୁଆରୀ ମସିହା କରାଯାଇଥିଲା। ଏହି ମନ୍ଦୀର କରୁଥିବା ମୁଖ୍ୟ ୧୫କଣ ସଭ୍ୟ ମଧ୍ୟରୁ ମାତ୍ର ୭ ଜଣ ଜୀବିତ ଅଛନ୍ତି। ଏହି ସଭ୍ୟ ଶ୍ରୀଯୁକ୍ତ ଗଦାଧର ଗୋଛି ଅବସର ପ୍ରାପ୍ତ, ଗ୍ରେଟ ଏକ, କୁଶଳୀ ଇଲେଟ୍ରିସିଆନ ମୁଖ୍ୟ ପୁରୋଧା। ଅନ୍ୟ ଜୀବିତ ସଭ୍ୟ ଶ୍ରୀ ଅପର୍ତି ରାଉତ, ପ୍ରମୋଦ ପଟ୍ଟନାୟକ, ନିକୁଞ୍ଜ ପଟ୍ଟନାୟକ, ଟୁକୁ ତ୍ରିପାଠି, ସୁରେଶ ପାଇକରାୟ ଓ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଅଛନ୍ତି। ପ୍ରତି ବର୍ଷ ତିନିଟି ଉତ୍ସବ ବଡ ଧୁମ, ଧାମ, ଯାକ, ଯମକରେ ପାଳନ କରାଯାଏ ମୁଖ୍ୟ ଦୁଇଟି ହେଲା ଜାଗର ମେଳା ଓ ଠାକୁର ଙ୍କ ଜନ୍ମ ବାର୍ଷିକ। ସେହି ସମୟ ଯଜ୍ଞ, ହୋମ, ଭଜନ, କୀର୍ତ୍ତନ ଓ ପ୍ରସାଦ ସେବନ କରାଯାଇ ଥାଏ। ଏବେ ଉକ୍ତ ଅଞ୍ଚଳ ଖୋର୍ଦ୍ଧା ପୌରପରିଷଦ ୱାର୍ଡ୍ ନମ୍ବର ୧୧ରେ ପ୍ରାୟ ୨୦୦୦ବାସିନ୍ଦା ନୂତନ ଘର କରି ରହିବା ଯୋଗୁ ଏହି ଶିବ ମନ୍ଦିର ସଭ୍ୟ ଓ ଭକ୍ତ ବହୁ ସଂଖ୍ୟାରେ ବଢ଼ି ଚାଲିଛି। ମନ୍ଦୀର ପରିଚାଳନା କମିଟି ସଦସ୍ୟ, ଭକ୍ତ ଦାନ ଓ ଚାନ୍ଦା ରେ ମନ୍ଦୀର ଶାନ୍ତି ଶ୍ରଦ୍ଧା ଚାଲିଛି। ଉକ୍ତ ବର୍ଷ ଗତ ଜାନୁୟାରୀ ୨୩ ତାରିଖ ଦିନ ପୁର୍ବ ବର୍ଷ ଭଳି ହୋମ ଯଜ୍ଞ କରାଯାଇ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରି ଖୁସି ବେକ୍ତ କରିଥିଲେ। ଏହି ମନ୍ଦିର ପାଇଁ ବିଦ୍ୟୁତ କର୍ମଚାରୀଙ୍କ ସଦା ନିରାପଦ ବୋଲି ଧାରଣା ଓ ବିଶ୍ୱାସ ଅଛି। ସମସ୍ତ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ବଡ ଓ ସାନ କର୍ମଚାରୀ ଯୋଗ ଦେଇ ନିଜର ନିରାପଦ କାମନା କରନ୍ତି। ନିଆଁ ସଙ୍ଗେ ସଦା ତାଙ୍କର କର୍ତ୍ତବ୍ୟ। ହର ହର ମହାଦେବ ପୂଜା ଓ ଭକ୍ତି ତାଙ୍କ ଜୀବନ ପାଇଁ ବର ଦାୟକ। ଦିତୀୟ ଦୀପାବଳୀ ଗତ ତା ୨୨.୧.୦୨୪ ଖୋର୍ଦ୍ଧା ସହର ଓ ମଫସଲ ମନ୍ଦୀର ମାନଂକରେ ଦ୍ୱିତୀୟ ଦୀପାବଳୀ ପାଳନ କରାଯାଇଥିଲା। ରାମ, ରାମ ,ଧ୍ୱନି ଗଗନ ପବନ ମୁଖରିତ ହୋଇ ଥିଲା। ଦୀପ ଗୁଡ଼ିକ ମନ୍ଦୀର ସମ୍ମୁଖରେ ଲଗା ଯାଇ ବାଣ, ବାଜା, ବାଜି ଦିନରୁ ,ରାତି ପର୍ଯ୍ୟନ୍ତ ରାମ ନାମ ସତ୍ୟ ବୋଲି ପ୍ରଚାର ପ୍ରସାର ହେଇଥିଲା। ଖୋର୍ଦ୍ଧା ବାସୀ ଏହି ରାମ ମନ୍ଦୀର ଅଜ୍ୟୋଧା ପ୍ରତିଷ୍ଠା ପାଇଁ ବହୁ ଖୁସି। ଖୋରଧା ହେଉଛି ପାଇକ ସମାଜ ପାଇଁ ଟେକ। ରାମ, କୃଷ୍ଣ, ଶିବ (ହର ଓ ହରି) ତାଙ୍କ ପାଇଁ ମର୍ଯ୍ୟାଦା ପୁରୁଷ। କ୍ଷତ୍ରିୟ ଓ ଖଣ୍ଡାୟତ ତେତ୍ରାୟ ଓ ଦ୍ୱାପର ଯୁଗର ସନାତନ ଧର୍ମ ରକ୍ଷା କର୍ତ୍ତା ଓଡ଼ିଶା ଓ ଖୋର୍ଦ୍ଧା ହିନ୍ଦୁ ସମାଜ ଗର୍ବିତ ଓ ଚିରତନ ସତ୍ୟ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ




ବାଲେଶ୍ୱର, ୨୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ବ୍ରିଟ କଲ୍ୟାଣ ମଣ୍ଡପ ରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହଇଅଛି। ଏ ହାକୁ ଅତିରିକ୍ତ ଜିଲ୍ଲା ପାଳ ଶ୍ରୀ ସୁଧାକର ନାୟକ ଆନୁ ଷ୍ଠ ଆ ନିକ ଭାବେ ଉଦଘାଟନ କରିଥିଲେ। ବିଚାରକ ମଣ୍ଡଳୀ ଜିଲାରେ ଟଉରକ୍ସ ସମସ୍ତ ଶିଶୁ ଯତ୍ନ ଗୃହରେ ଥିବା ବାଳିକା ମାନେ ଏହି କାର୍ଯ୍ୟ ରେ ଅଂଶ ଗ୍ରହଣ କରିଥିଲେ। ନାଚ, ଗୀତ, ଗ୍ରୁପ ଡ୍ୟାନ୍ସ, ଚିତ୍ରାଙ୍କନ, ବକ୍ତୃତା, ଆକ୍ଟିଂ ଆଦି ବିଭିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବ ରେ ଶିଶୁ ସୁରକ୍ଷା ଅଧିକାରୀ ଦେବଙ୍ଗନା ଦାସ ଅଧକ୍ଷତା କରି ଥିଲେ। ସଂଯଜିକା ସଂଯୁକ୍ତଲ ରାଉତ ମଞ୍ଚ ପରିଚାଳନା କରି ଥିଲେ। ଜିଲ୍ଲା ଶିକ୍ଷା ଧିକାରୀ ପ୍ରତିଭା ମଞ୍ଜରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ୟା ସନ୍ତାନ ମାନେ କିଭଳି ଆଗରେ ଅଛନ୍ତି ଓ ଭଲ ପ୍ରଦର୍ଶନ କରୁଛନ୍ତି ବର୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଅନିତା କର, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଶିଖା ପୋ ଦାର, ଅଂଶ ଗ୍ରହଣ କରି କନ୍ୟା ସନ୍ତାନ ମାନଙ୍କ ବିଭିନ୍ନ ସମସ୍ୟା, ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକ ପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତା ରେ ଉତୀର୍ଣ୍ଣ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ସୁଶ୍ରୀ ସଂଯୁକତା ରାଉତ ଧନ୍ୟବାଦ ଦେଇଥିବାବେଳେ ରଶ୍ମି ରେଖା ସେନାପତି, ସତ୍ୟନାରାୟଣ ସ୍ୱାଇଁ, ରିମାଶ୍ରୀ, ପୁଷ୍ପଲତା, ଓ ଶିଶୁ ସୁରକ୍ଷା ୟୁନିଟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦିବସ ବ୍ୟାପୀ କାର୍ଯ୍ୟକ୍ରମ କୁ ଆୟୋଜିତ କରାଇ ଥିଲେ. ବିଭିନ୍ନ ଶିଶୁ ଯତ୍ନ ଗୃହର ପରିଚାଳକ ପରିଚାଳିକା ମାନେ ନିଜ ନିଜ ପିଲାଙ୍କ ସହିତ ଉପସ୍ଥିତ ରହି ଏହି ଉତ୍ସବ କୁ ସଫଳ କରାଇଥିଲେ. ସଂଯୁଜତା ରାଉତ ଧନ୍ୟବାଦ ଦେଇ ଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ

ଭଦ୍ରକ , ୨୪/୧ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଜିଲ୍ଲାରେ ପୁଅଙ୍କ ତୁଳନାରେ କନ୍ୟା ସନ୍ତାନ ଜନ୍ମ ହାର କମୁଛି । ଏହା ସମାନ ରହିବା ଏକାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ଜାନକୀ ଦେବୀ ନର୍ସିଂ କଲେଜ ଏବଂ ଶୁଭମ୍ ନର୍ସିଂ କଲେଜ ମଧ୍ୟରେ ହୋଇଥିଲା । ସଂଗୀତ ପ୍ରତିଯୋଗିତା ପରେ ବିଜେତାମାନଙ୍କୁ ପୁରସ୍କାର ଦିଆଯାଇଥିଲା । ଶେଷରେ ଏକ ବିଶାଳ ରାଲିରେ ଡ଼ାକ୍ତର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡ଼ାକ୍ତର ଭାରତୀ ରାଉତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ଜୟନ୍ତ କୁମାର ପଣ୍ଡା, ଜିଲ୍ଲା କୁଷ୍ଠରୋଗ ଚିକିତ୍ସା ଅଧିକାରୀ, ଡାକ୍ତର କନକଲତା ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ପରିବାର କଲ୍ୟାଣ ବିଭାଗ, ସରିତା ମହାପାତ୍ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା, ସୁଶାନ୍ତ କୁମାର ରାଉତ ସଂଯୋଜକ ଯୋଗଦେଇ ଥିଲେ । ଅନିତାରାଣୀ ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ରାଜ୍ୟ ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ମନୋନୀତ



ପାରାଦୀପ, ୨୪/୧ (ନି.ପ୍ର): ରାଜ୍ୟ ସାମ୍ବାଦିକ ସଂଘ (ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ )ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପାରିଷଦ ବୈଠକ ଜାନୁଆରୀ ୨୪ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ପୋର୍ଟ ୱାର୍କରସ ୟୁନିୟନ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଜ୍ୟ ସାମ୍ବାଦିକ ସଂଘର ସଭାପତି ଶ୍ରୀ କୈଳାସ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ଜଗତସିଂହପୁର ଜିଲ୍ଲା ପର୍ଯବେକ୍ଷକ ତଥା ରାଜ୍ୟ ସମ୍ପାଦକ ଶ୍ରୀ ଶୁଭାଶିଷ ମହାନ୍ତି, କେନ୍ଦ୍ର କାର୍ଯ୍ୟକାରିଣୀ ସଭ୍ୟ ଚିନ୍ତାମଣି ପାଢ଼ୀ ଓ କଲ୍ୟାଣ ପାଣ୍ଠି ଅଧକ୍ଷ ଶ୍ରୀ ଗଗନ ବିହାରୀ ସାହୁ ଯୋଗ ଦେଇଥିଲେ । ଶ୍ରୀ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶ୍ରୀ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସଭାରେ ରାଜ୍ୟ ସଭାପତି ଶ୍ରୀ ନାୟକ ଏସ ୟୁ ଜେ ର ସାଙ୍ଗଠନିକ ନୀତି ନିୟମ ଏବଂ ସାମ୍ବାଦିକ ମାନଙ୍କ ବୃତ୍ତିଗତ ଦକ୍ଷତା ଓ ସ୍ୱାର୍ଥ ସମ୍ବଳିତ ଆଲୋଚନା କରିଥିଲେ ଏବଂ ଜଗତସିଂହପୁର ଜିଲ୍ଲା ସଙ୍ଗଠନ ରାଜ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ପାଇଁ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପର୍ଯ୍ୟବେକ୍ଷକ ଶ୍ରୀ ଶିବାଶିଷ ମହାନ୍ତି ନୂତନ କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା ସଙ୍ଗଠନର ଦାୟିତ୍ୱ ଅର୍ପଣ କରିଥିଲେ । ପ୍ରଶାନ୍ତ କୁମାର ରାଉତ ସଭାପତି ଶ୍ରୀ ହରିଶ୍ଚନ୍ଦ୍ର ଲେଙ୍କା ଉପ ସଭାପତି, ଶ୍ରୀ ସଞ୍ଜୟ କୁମାର ମିଶ୍ର ସାଧାରଣ ସମ୍ପାଦକ, ପ୍ରଭାତ କୁମାର ମହାପାତ୍ର ସହ ସମ୍ପାଦକ ଓ କୋଷାଧକ୍ଷ ଜଗନ୍ନାଥ ଶତପଥୀ, ଉପଦେଷ୍ଟା ଭାବେ ଶ୍ରୀ ଗଗନ ବିହାରୀ ସାହୁ ଏବଂ ରାମଚନ୍ଦ୍ର ସ୍ୱାଇଁ ନାମ ଘୋଷଣା କରିଥିଲେ ।

## ଭିଏତନାମରେ ନିର୍ମାଣ ହେବ ଅଯୋଧା ପରି ମନ୍ଦିର

ହନୋଇ/ନୂଆଦିଲ୍ଲୀ, ୨୪/୧ : ଦେଶ ବିଦେଶରେ ମଧ ଶ୍ରୀରାମ ଜନ୍ମଭୂମି ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି । ଭିଏତନାମରେ ଅନୁପମ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି । ଦିଲ୍ଲୀର ସମିଟ୍ ଇଣ୍ଡିଆ ଟ୍ରଷ୍ଟ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଟ୍ରଷ୍ଟର ବିଜ୍ଞପ୍ତି ଅନୁସାରେ ଭିଏତନାମରେ ହଜାର ହଜାର ଭାରତୀୟ ଅଯୋଧାରେ ହୋଇଥିବା ପ୍ରାଣ ପ୍ରତିଷ୍ଠା ସମାରୋହର ଖୁସିରେ ଜାନୁୟାରୀ ୨୨ରେ ନିଜ ନିଜ ଦୋକାନ ଓ ସଂସ୍ଥାନ ବନ୍ଦ ରଖିଥିଲେ । ବୈଦିକ ରୀତିନୀତିରେ ସୁବ୍ରମଣ୍ୟମ ସ୍ୱାମୀ ମନ୍ଦିରରେ ଶ୍ରୀରାମଙ୍କ ରାଜ୍ୟାଭିଷେକ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭିଏତନାମର ନାଗରିକମାନେ ମଧ ସାମିଲ ହୋଇଥିଲେ । ସମିଟ୍ ଇଣ୍ଡିଆର ଚେୟାରମ୍ୟାନ ତଥା ବିଜେପିର ପୂର୍ବତନ ରାଷ୍ଟ୍ରୀୟ ଉପାଧକ୍ଷ ଶ୍ୟାମ ଜାଜୁ କହିଛନ୍ତି ଯେ, ସମିଟ୍ ଇଣ୍ଡିଆ ଅଯୋଧା ପ୍ରକଳ୍ପ ଆରମ୍ଭ କରିଛି । ଏହି କ୍ରମରେ ବିଦେଶୀମାଟିରେ ପ୍ରତ୍ୟେକ ଭାରତବଂଶୀ ଅଯୋଧାଧାମ ପରି ସୁନ୍ଦର ଓ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ସଂକଳ୍ପ ନେଇଛନ୍ତି । ଭିଏତନାମ ପରେ କେନିଆରେ ମଧ ପ୍ରାଣ ପ୍ରତିଷ୍ଠାର ଧୁମ ଦେଖିବାକୁ ମିଳିଛି । ଖୁବ ଶୀଘ୍ର ଏହି ଦୁଇ ଦେଶକୁ ଅଯୋଧାଧାମରୁ ପବିତ୍ର ମାଟି ପଠାଯିବ । ଏହାପରେ ଉଭୟ ଦେଶରେ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯିବ ।

# ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର



ଉଦଳା , ୨୪/୧ (ନି.ପ୍ର): କପ୍ତିପଦା ବ୍ଲକର ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଚଳିତ ଜାନୁଆରି ୧୨ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଆଜି ଜାନୁଆରି ୨୪ ତାରିଖ ବୁଧବାର ଦିନ ଉଦାଯାପିତ ହୋଇ ଯାଇଛି । ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମଗ୍ର ଓଡ଼ିଶାରେ ଏହିଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାର ଜଣାଯାଇଛି । ଉଦ୍‌ଯାପନ ଉତ୍ସବରେ 'ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଆଲୋଚନାଚକ୍ରରେ ଅଧକ୍ଷତା କରି ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ ତରଫରୁ ଦିର୍ଘ ୧୩ ଦିନ ଧରି ଚାଲିଥିବା ପ୍ରତିଯୋଗିତା ଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦାୟିତ୍ୱରେ ଥିବା ଅଧାପକ / ଅଧାପିକା ଓ କର୍ମଚାରୀ ବୃନ୍ଦଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ଆଲୋଚକ ଭାବରେ ଉଦଳା ମହାବିଦ୍ୟାଳୟର ଅଧାପକ ସୌମେନ୍ଦ୍ର ଦାଶ, ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଣ୍ଡା, ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ଼.ଉତ୍ପଳ କୁମାର ଅଧିକାରୀ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଜଗତବନ୍ଧୁ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଶ୍ରୀ ଜଗନ୍ନାଥଙ୍କ ପାଇଁ ଆଜି ଉତ୍କଳୀୟ ସଂସ୍କୃତି ସମଗ୍ର ବିଶ୍ୱବାସୀଙ୍କ ଠାରେ ତାର ପରିଚୟ ସୃଷ୍ଟି କରିପାରିଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ଡ଼. ନିରଂଜନ ପାଠୀ ଓ ନୋଡ଼ାଲ ଅଫିସର ଅଧାପିକା ଡ଼. ଶୁଭଦର୍ଶନୀ ମହାଁ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଛାତ୍ରୀ ସାଇଶ୍ରୀ ମହାପାତ୍ର ଓ ସସ୍ମିତା ପଳତା ଆଲୋଚନାଚକ୍ରର ସନ୍ଧର୍ଭ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅଧାପିକା ସୌମ୍ୟା ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ସମୀର ଭୋଇ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ରେଣୁପଦାରେ କୃଷ୍ଣଙ୍କର ୩୪ ଅବତାର ବେଶ



ବସ୍ତା, ୨୪/୧ (ନି.ପ୍ର): ବସ୍ତା ବ୍ଲକ ମୁକୁଲସି ପଞ୍ଚାୟତ ରେଣୁପଦା ଗ୍ରାମରେ ପ୍ରଭୁ ଶ୍ରୀ କୃଷ୍ଣଙ୍କ ୩୪ ଅବତାର ବେଶ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ମାସ ଗତ ୧୫ ତାରିଖରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ୨୩ ତାରିଖରେ ଉଦଯାପନ ହୋଇଥିଲା । ଏଥିରେ ଜଗନ୍ନାଥ ଙ୍କ ସୁନାବେଶ ସହିତ କୃଷ୍ଣଙ୍କ ମୀନ ଅବତାର, କଛପ ଅବତାର, ବରାହ ଅବତାର, ନୃସିଂହ ଅବତାର, ବାମନ ଅବତାର, ପର୍ଶୁରାମ ଅବତାର, ବୁଦ୍ଧ, ବଳରାମ, କୃଷ୍ଣ, କଳକୀ ଅବତାର ଭଳି ଭବ୍ୟ ଦୁର୍ଲଭ ଅବତାର ସ୍ଥାନିତ ହୋଇ ପୂଜା ପାଇଥିଲେ । ଯାହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ବେଶ ଭିଡ଼ ଜମିଥିଲ । ଏହି ଅବସରରେ ପ୍ରତ୍ୟେକ ଦିନ ପୂଜା ଅର୍ଚ୍ଚନା, ଭଜନ ସନ୍ଧ୍ୟା,ନୃତ୍ୟ ଅଭିନୟ, ପ୍ରବଚନ ଚଉଦ ମାଦଳ, ହରିନାମ ସଂକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ଯାହାପାଇଁ ଏକ ଆଧାତ୍ମିକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । କମିଟିର ସଭାପତି ସୁଦର୍ଶନ ପ୍ରଧାନ, ସମ୍ପାଦକ୍ ରାଧା ଶ୍ୟାମ ଦାସ ଅଧିକାରୀ, ରବୀନ୍ଦ୍ର କୁମାର ସିଂହ, ରବୀନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମାଧବ ପ୍ରଧାନ,ରମେଶ ଦାସ ଅଧିକାରୀ, ରାସ ବିହାରୀ ଦାସ ଅଧିକାରୀ, ଅନିରୁଦ୍ଧ ପ୍ରଧାନ, ଅକ୍ଷୟ ଦାସ ଅଧିକାରୀ, ପରମାନନ୍ଦ ଦାସ ଅଧିକାରୀ ଗଜେନ୍ଦ୍ର ସିଂହଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସଂସ୍କୃତ ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା



ଖଇରା, ୨୪/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟରେ ବୁଧବାର ଦିନ ଜଗନ୍ନାଥ ସଂସ୍କୃତି ଆଲୋଚନା ଏବଂ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଶ୍ରୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ରମଣି ରଞ୍ଜନ ନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍କନ୍ଦ ପୁରାଣ ଓ ଭାଗବତ ର ବିଭିନ୍ନ ପଂକ୍ତି ଆଧାରରେ ଜଗନ୍ନାଥ ମନ୍ଦିର ଇତିହାସ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ରାଉତ,ସଂସ୍କୃତ ଶିକ୍ଷକ ଗଣେଷ ପ୍ରସାଦ ପଣ୍ଡା, ସିଆସସିସି ଲମ୍ବୋଦର ନନ୍ଦ, ବଞ୍ଚାକଳ୍ପ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଓଡିଆ ଭାଷାର ସୁରକ୍ଷା ଉପରେ ମତ ଦେଇଥିଲେ । ନୋଡାଲ ଅଫିସର ନିରଞ୍ଜନ କୁମାର ନାୟକ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ଶେଷରେ ଲୋକ ନୃତ୍ୟ, ପ୍ରବନ୍ଧ, ବୁଦ୍ଧି ପରୀକ୍ଷା, ତର୍କ, ଗୀତ, ହସ୍ତାକ୍ଷର, ବ୍ୟାକରଣ ଇତ୍ୟାଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ମାନପତ୍ର, କପ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶିକ୍ଷକ ଭାସ୍କର ପୃଷ୍ଟି, ନିରଞ୍ଜନ ସାମଲ, ରବିନ୍ଦ୍ର ଦାସ ଓ ଡମ୍ବରୁଧର ମହାନ୍ତି ଓ ଅଧ୍ୟାପକ ଉମାକାନ୍ତ ନାୟକ, ପ୍ରଶାନ୍ତ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ରବିନ୍ଦ୍ର ପତ୍ରୀ, ଅଧ୍ୟାପିକା ଲତାଞ୍ଜଳୀ ଦାସ, କର୍ମଚାରୀ ଦୁଷ୍ମନ୍ତ ଲେଙ୍କା, ମଣିଭଦ୍ର ମହାନ୍ତି,ନିଳାମ୍ବର ବେହେରା ପରିଚାଳନାରେ ସହଯୋଗ କରିଥିଲେ ।

## ଏୟାର ଇଣ୍ଡିଆ ଉପରେ ୧.୧୦ କୋଟି ଟଙ୍କାର ଜରିମାନା ଲଗାଇଲା ଡିଜିସିଏ

ନୂଆଦିଲ୍ଲୀ, ୨୪/୧ (ନି.ପ୍ର): ଡିଜିସିଏ ଏୟାର ଇଣ୍ଡିଆ ଉପରେ ୧.୧୦ କୋଟି ଟଙ୍କାର ଜରିମାନା ଲଗାଇଛି । ଡିଜିସିଏ ଟାଟା ଅଧୀକୃତ ଏୟାରଲାଇନ କମ୍ପାନୀ ଏୟାର ଇଣ୍ଡିଆ ଉପରେ ସୁରକ୍ଷା ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଏହି ଜରିମାନା ଲଗାଇଛି । ବୁଧବାର ଡିଜିସିଏ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, ଏୟାର ଇଣ୍ଡିଆ ଏୟାରଲାଇନ୍ସ ଉପରେ ୧.୧୦ କୋଟି ଟଙ୍କାର ଜରିମାନା ଲଗାଯାଇଛି । ବିମାନ ନିୟାମକ ମୁତାବକ ଏକ ଏୟାରଲାଇନ କର୍ମଚାରୀଙ୍କ ଠାରୁ ସ୍ୱୈଚ୍ଛିକ ସୁରକ୍ଷା ରିପୋର୍ଟ ମିଳିଥିଲା । ଏହି ରିପୋର୍ଟରେ ଏୟାର ଇଣ୍ଡିଆ ଏୟାରଲାଇନ ଉପରେ କିଛି ଲମ୍ବା ଦୂରର ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଉଡାଣରେ ସୁରକ୍ଷା ଉଲ୍ଲଂଘନ କରିଥିବାର ଅଭିଯୋଗ ହୋଇଥିଲା । ଏହାପରେ ଡିଜିସିଏ ଏହାର ଯାଂଚ କରିଥିଲା ।

## ପରୀକ୍ଷା ପେ ଚର୍ଚ୍ଚା ପାଇଁ ରେକର୍ଡ ୨.୨୬ କୋଟି ପଞ୍ଜିକରଣ

ନୂଆଦିଲ୍ଲୀ, ୨୪/୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କାର୍ଯ୍ୟକ୍ରମର ସପ୍ତମ ସଂସ୍କରଣ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୪' ପାଇଁ ମାଇଗଭ ପୋର୍ଟାଲରେ ରେକର୍ଡ ୨.୨୬ କୋଟି ପଞ୍ଜିକରଣ ହୋଇଛି । ଏହା ଦେଶର ଛାତ୍ରଙ୍କ ମଧ୍ୟରେ ବ୍ୟାପକ ଉତ୍ସାହକୁ ଦର୍ଶାଇଛି, ଯେଉଁମାନେ କି ଏହି ବିଶିଷ୍ଟ କାର୍ଯ୍ୟକ୍ରମରେ ଭାଗ ନେବେ ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଅଛନ୍ତି । ବୁଧବାର ଶିକ୍ଷା ମନ୍ତ୍ରାଳ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଜାନୁୟାରୀ ୨୯ ସକାଳ ୧୧ଟାରେ ଭାରତ ମଣ୍ଡପମ, ଆଇଟିବିପି, ପ୍ରଗତି ମୈଦାନ, ନୂଆଦିଲ୍ଲୀର ଟାଉନ ହଲରେ ଆୟୋଜିତ କରାଯିବ । କାର୍ଯ୍ୟକ୍ରମରେ ପ୍ରାୟ ୩ହଜାର ପ୍ରତିଭାଗୀ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।

# ନୂଆସାହି ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଶିକ୍ଷା ଦିବସ ପାଳିତ

ଉଦଳା, ୨୪/୧ (ନି.ପ୍ର): କପ୍ତିପଦାସ୍ଥିତ ନୂଆସାହିଡ଼ିଗ୍ରୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ସଭାରେ ଆର୍ନ୍ତଜାତୀୟ ଶିକ୍ଷା ଦିବସ ପାଳିତ ହୋଇ ଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରା ସଭାପତିତ୍ୱ କରିଥିବା ବେଳେ ଶିକ୍ଷା ବିଭାଗର ମୁଖ୍ୟ ଡ଼. ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ଆନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ମହାବିଦ୍ୟାଳୟୀ ଅଧାପକ ଲମ୍ବୋଦର ବାରିକ, ବିଭୁ ରଂଜନ ବିଶ୍ୱାଳ, ନିହାର ରଂଜନ ଦାସ, ଅଧାପିକା ମଧୁମିତା ସାହୁ, ସୁଶ୍ରୀ ସଂଗୀତା ମହାକୁଡ଼, ଭାନୁମତି ରାଉତ ଉପସ୍ଥିତ ରହି ନିଜସ୍ୱ ମତ ବ୍ୟକ୍ତ କରିଥିଲେ । ସମାଜର ପ୍ରତେକ ବ୍ୟକ୍ତି ଶିକ୍ଷିତ ହେବା ସହିତ ଶିକ୍ଷାକୁ ଗ୍ରହଣ କରିବା ଆବଶ୍ୟକ ବୋଲି ସଭାପତି ନିଜସ୍ୱ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଉକ୍ତ ସଭାରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥଇତ ରହିବା ରହିବା ସହିତ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବନିମ୍ନ ଶିକ୍ଷା ପ୍ରଦାନ କରିବା ଉପରେ ଶପଥ ନେଇଥିଲେ ।

# ୨୦ତମ 'ମୁସ୍କାନ' ଗ୍ରାମାଞ୍ଚଳ ତଥା ଜାତୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ



ବାରିପଦା , ୨୪/୧ (ନି.ପ୍ର): ବିଶିଷ୍ଠ ସ୍ୱାଧୀନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବଶରରେ ମୟୂରଭଞ୍ଜ ଇଉନାଇଟେଡ ସ୍ପୋର୍ଟ୍ସ କାଲଚରାଲ ଏଣ୍ଡ ଆର୍ଟ ଏସୋସିଏସନ (ମୁସ୍କାନ) ଆନୁକୂଲ୍ୟରେ ସ୍ଥାନୀୟ କଲେଜ ପଡିଆ ଠାରେ ଦୁଇ ଦିନିଆ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ? ପ୍ରଥମ ଦିନ ଗ୍ରାମାଞ୍ଚଳ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମଧୁପୁରା ଦଳ ୫ମ ବାର୍ଟାଲିୟନ ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚମ୍ପିଆନ ହୋଇଥିଲେ । ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ଖେଳକୁ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ବିଜୟ କୁମାର ମୁର୍ମୁ, ସହକାରୀ କମାଣ୍ଡେଣ୍ଟ ୫ମ ବାର୍ଟାଲିୟନ ଉଦଘାଟନ କରିଥିବା ବେଳେ ଉତଯାପନୀ ସମାରୋହରେ ଶ୍ରୀମତୀ ଜୟନ୍ତୀ ଦଲାଇ, ଉଚ୍ଚ. ୫. ଚ. ଠସଶସକ୍ଷବଭମର ଚମ୍ପିଆନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସେହିଭଳି ଦ୍ୱିତୀୟ ଦିନ ଜାତୀୟ ପ୍ରତିଯୋଗିତାର ରାଇଜିଙ୍ଗ କ୍ଲବ, ଇଉ.ପି., ସେନଚୁରିଆନ କ୍ଲବ, ଦିଲ୍ଲୀ, ସୂର୍ଯ୍ୟସିଖା, ଭଦ୍ରକ ଓ କଓଞ୍ଝ, ଭୁବନେଶ୍ୱର ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ସୂର୍ଯ୍ୟସିଖା, ଭଦ୍ରକ ଦଳ କଓଞ୍ଝ, ଭୁବନେଶ୍ୱର ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚମ୍ପିଆନ ହୋଇଥିଲେ । ଏହି ପ୍ରତିଯୋଗିତାରେ ସର୍ବୋକୃଷ୍ଟ ଖେଳାଳୀ ଭାବରେ କଓଞ୍ଝ, ଭୁବନେଶ୍ୱର ଦଳର ଲାଡେନଙ୍କୁ ବିବେଚନା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାସ ଯୋଗଦେଇ ଖେଳାଳି ତଥା ଆୟଜକଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସ୍ତରୀୟ ରେଫେରୀ ରାଜେଶ କୁ. ଦାସ, କମଳାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ପରିଶେଷରେ ମୁସ୍କାନର ସଭାପତି ସୁକାନ୍ତ କୁ. ଦେ ସମ୍ପାଦକ ସ୍ୱପନ କୁ. ପ୍ରଧାନ ତଥା ଏସୋସିଏସନର ସମସ୍ତ କର୍ମକର୍ତ୍ତା ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅସ୍ତି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ବାଲିଆପାଳ , ୨୪/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତ ଅଫିସ୍ ନିକଟରେ ବୁଧବାର ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଅସ୍ତି ପଞ୍ଚାୟତ ବିକାଶ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଭିତ୍ତି ଭୂମି ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ସଂସ୍କୃତି ସଂଗରକ୍ଷଣ, ମହିଳା ସଶକ୍ତ କରଣ ଓ ଭିତ୍ତିଭୂମି ବିକାଶରେ ବ୍ୟାଙ୍କ ସେବା , ସୁଗମ ପରିବହନ, ଐତିହ୍ୟ ଭିତ୍ତିଭୂମିର ବିକାଶ ଭଳି ବହୁ ବିବିଧ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆଗାମୀ ଦିନରେ ୨୮ ଟି ପଞ୍ଚାୟତରେ ଆୟୋଜନ ହେବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣାକର ଜେନା , ଅସ୍ତି ସରପଞ୍ଚ ତୃପ୍ତି ଲେଖା ଜେନା ,ସମିତି ସଭ୍ୟା ହରପ୍ରିୟା ପାତ୍ର , ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏ ମ ବି କେ , ସି ଆର ପି ,ଏ ସ ଏ ଚ ଜି , ୱାର୍ଡ ସଦସ୍ୟ ସଦସ୍ୟା , ସ୍ଥାନୀୟ ଲୋକ ମଧ୍ୟ ଯୋଗ ଦେଇଥିଲେ ।

# ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ସୁବାଷ ବୋଷ ଜୟନ୍ତୀ ପାଳିତ

ବାଲିଆପାଳ , ୨୪/୧ (ନି.ପ୍ର): ଭାରତର ମୁକ୍ତି ସଂଗ୍ରାମର ଦିଗବିଜୟୀ ଯୁଦ୍ଧା,ଆଜାଦ ହିନ୍ଦ୍ ଫୌଜର ମହାନ୍ ସେନା-ନାୟକ , ଅମର ବୀର ସୁବାଷ ବୋଷଙ୍କ ଜୟନ୍ତୀ ଅବସରରେ ଭିଟାମାଟି ସୁରକ୍ଷା କମିଟି ତରଫରୁ ବନ୍ଦର ଓ ପେଟ୍ରୋ - କେମିକାଲ ହଟାଓ ଦାବିରେ ଆଗ୍ନେୟ ହୁଙ୍କାର ଏବଂ ଚରମ ନିଷ୍ପତ୍ତି ନିଆଗଲା ଯେ ଆଜି ଠାରୁ ସମଗ୍ର ଦକ୍ଷିଣ ବାଲିଆପାଳରେ ଆସନ୍ତା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଭିଟାମାଟି ସୁରକ୍ଷା ସଂକଳ୍ପ ପକ୍ଷ ଏବଂ ଦକ୍ଷିଣ ବାଲିଆପାଳ ବଞ୍ଚାଅ ଜନ ଜାଗୃତି ଅଭିଯାନ ହେବ ଏବଂ ସଭିଏଁ କାନ କୁ କାନ ଆହ୍ୱାନ ଦେଇ ଆସନ୍ତା ଫେବୃଆରୀ ୬ ତାରିଖ , ମଙ୍ଗଳ ବାର ଦିନ ସମଗ୍ର ଦକ୍ଷିଣ ବାଲିଆପାଳ ବାସୀ ବାଲିଆପାଳ ତହସିଲ ଘେରାଉ ସେ ସମ୍ମତ ଶପଥ ନିଆଗଲା । ତେବେ ଉକ୍ତ ବୈଠକ ନହରା ଛକ ଠାରେ ଅନୁଷ୍ଠିତ ହୋଇଥିଲା ବେଳେ ଅରୁଣ ଜେନା ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ରାଜୀବ ରାୟ, ଉମାକାନ୍ତ ବାରିକ, ସୁବଳ ପ୍ରଧାନ, କାଳୀଚରଣ ଜେନା । ଅରୁଣ ପଢ଼ିଆରୀ, ମୃତ୍ୟୁଞ୍ଜୟ ପରିଡା, ଗୋପାଳ ପଢିଆରୀ, ଜ୍ୟୋତ୍ସ୍ନା ପଢିଆରି, ଦେବେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo